ସିନ୍ଧୁ ତୀରେ

ଡକ୍ଟର ପ୍ୟାରୀମୋହନ ମିଶ୍ର

Digitized by srujanika@gmail.com

ସିନ୍ଧୁତୀରେ

ଲେଖକ

ଡକ୍ଟର ପ୍ୟାରୀମୋହନ ମିଶ୍ର

Digitized by srujanika@gmail.com

ପ୍ରକାଶକ, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରାକର, ଜୟୁରାମ ମହାପାତ୍ର, ଗ୍ରନ୍ଥ ପ୍ରକାଶିନୀ, କଟକ-୧

ପ୍ରଥମ ମୁଦ୍ରଣ : ୧୯୮୩

ମୂଲ୍ୟ : ଟ ୫-୦୦

Digitized by srujanika@gmail.com

ମୁଖବନ୍ଧ

ମୋର କବିତାଲେଖା

ଜାନୁୟାରୀ ୧୯୮୦ରେ ମୁଁ ବ୍ରହ୍ମପୁର ସହରରେ ଏକାକୀ ରହୁଥିଲି । ଏହି ସମୟରେ କବିତା ଲେଖିବାର ଅଭିଳାଷ ଜାତ ହେଲା । ୧୯୮୦ ଜୁଲାଇରେ ସପରିବାର ମୁଁ ଭଞ୍ଜବିହାରରେ ରହିଲି । ସେ ବର୍ଷ ପୂଜାଛୁଟିରେ ଓ ୧୯୮୧ ଗ୍ରୀଷ୍ମଛୁଟିରେ ଏ ସବୁ କବିତା ଲେଖିଥିଲି ।

ମୋର ପିତାମହ ୰ ଘନଶ୍ୟାମ ମିଶ୍ର ତାଳଚେରର ଜଣେ ଲବ୍ଧପ୍ରତିଷ୍ଠ କବି ଥିଲେ ଓ ବହୁ କାବ୍ୟ ରଚନା କରିଥିଲେ । କବିତା ଲେଖିବାର ପ୍ରେରଣା ମୁଁ ତାଙ୍କଠାରୁ ପାଇଅଛି । ଆମ ଘରର ଇଷ୍ଟଦେବୀ ହେଉଛନ୍ତି ମା' ଦୁର୍ଗା । ତାଙ୍କର କୃପାରୁ ମୁଁ କବିତା ଲେଖିଅଛି, ଏହା ନିଃସନ୍ଦେହ ।

ସ୍ୱନାମଧନ୍ୟ ପ୍ରବୀଣ ଲେଖକ ଓ ରାଜନୀତିଜ୍ଞ ଡକ୍ଟର ହରେକୃଷ୍ଣ ମହତାବ ଓ ସ୍ୱନାମଧନ୍ୟ ବିଶିଷ୍ଟ ସାହିତ୍ୟିକ ଓ କବିରାଜ ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା ମୋର ପାଣ୍ଡୁଲିପି ପଢ଼ି, ସଂଶୋଧନ କରି ମୋତେ ଉତ୍ସାହ ଦେଇଥିବାରୁ ଓ ନିଜର ମତାମତ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ ଚିରକୃତଜ୍ଞ ।

ପ୍ୟାରୀମୋହନ ମିଶ୍ର

Digitized by srujanika@gmail.com

ଡକ୍ଟର ଶ୍ରୀ ପ୍ୟାରୀମୋହନ ମିଶ୍ରଙ୍କର 'ସିନ୍ଧୁତୀରେ' କବିତାର ପାଣ୍ଡୁଲିପି ଆମୂଳଚୂଳ ପଢ଼ି ବିଶେଷ ତୃପ୍ତି ଲାଭ କଲି । ଏଥିରେ ଏକୋଇଶିଟି ବିଷୟ ସ୍ଥାନପାଇଛି । ବିଷୟଗୁଡ଼ିକ ଉପାଦେୟ । ପ୍ରତ୍ୟେକ ବିଷୟରେ ଜାତୀୟଭାବ ପୂରିରହିଛି । ଭାଷା ସରଳ, ସରସ ଓ ପ୍ରାଞ୍ଜଳ । ଏହା ପାଠକମାନଙ୍କର ମନ ଆକର୍ଷଣ କରିବ ବୋଲି ମୋର ବିଶ୍ୱାସ । ପ୍ରତ୍ୟେକ ବିଷୟର ଭାବ ସ୍ପଷ୍ଟ ଓ ହୃଦ୍ୟ ।

ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା
ତା ୧୭ । ୭ । ୮୨

Digitized by srujanika@gmail.com

ଡକ୍ଟର ପ୍ୟାରୀମୋହନ ମିଶ୍ରଙ୍କ ରଚିତ କବିତାଗୁଡ଼ିକ ଆଜିକାଲିର ସାହିତ୍ୟିକମାନଙ୍କ ବିଚାରରେ କଅଣ ହେବ କେଜାଣି, କିନ୍ତୁ ମୋ ମତରେ ଏ ଧରଣର କବିତା ଜନସାଧାରଣଙ୍କଦ୍ୱାରା ଆଦୃତ ହେବ । ମନୁଷ୍ୟ କେବଳ ତାହାର ଶରୀରଧର୍ମ୍ମ ନେଇ ବ୍ୟସ୍ତ ଥିଲେ ମଧ୍ୟ, ଅନ୍ତରରେ ଯେଉଁ ଆବେଗ ମଝିରେ ମଝିରେ ପ୍ରକାଶପାଏ, ତାହାକୁହିଁ ଡକ୍ଟର ପ୍ୟାରୀମୋହନ ଛନ୍ଦବଦ୍ଧ କରିଛନ୍ତି । ଆଧ୍ୟାତ୍ମିକ ରଚନା ଦିଗରେ କବି ଅଗ୍ରସର ହୁଅନ୍ତୁ, କାରଣ ସେ ଦିଗଟି ବର୍ତ୍ତମାନ ସମାଜରେ ଉପେକ୍ଷିତ ।

ହରେକୃଷ୍ଣ ମହତାବ

Digitized by srujanika@gmail.com

ସୂଚୀପତ୍ର

୧ ।	ଜୟ ଜୟ ତମୋହନରେ	୧
୨ ।	ଆତ୍ମସମର୍ପଣ	୫
୩ ।	ଆଗୋ ମହାଶକ୍ତି	୬
୪ ।	ଜଣାଣ	୭
୫ ।	ଭଜନ	୮
୬ ।	ଜୟ ଭାରତ ଜନନୀ !	୯
୭ ।	ଉତ୍କଳ ବନ୍ଦନା	୧୦
୮ ।	କବିତା	୧୧
୯ ।	ଭକ୍ତିବହାର	୧୨
୧୦ ।	ହେ ମହାସାଗର !	୧୪
୧୧ ।	ଭାରତ ବନ୍ଦନା	୧୬
୧୨ ।	ସରଗୁଁ ଆଶିଷ ଦଅ	୧୯
୧୩ ।	ବାଘଚଳ	୨୧
୧୪ ।	ଦୂର ସବତାର କଷ୍ଟେ	୨୮
୧୫ ।	ଭାରତର ବାଣୀ	୩୪
୧୬ ।	ଖୋଜେ ମୁହିଁ ଭଗବାନ	୩୮
୧୭ ।	ଭୁଲି କି ଯାଉଛ ତାହାର ବିଷ	୪୨
୧୮ ।	ତୁମେ ବଞ୍ଚି ରୁହ, ଆମେ ବଞ୍ଚି ରହୁ	୪୬
୧୯ ।	କଳିଙ୍ଗ ସମର	୫୪
୨୦ ।	ମାୟା ଯାଉ ଅପସରି	୬୦
୨୧ ।	କୁସୁମାଞ୍ଜଳି	୬୨

□ □ □

Digitized by srujanika@gmail.com

ଜୟ ଜୟ ତମୋହରେ !

ଆହେ ତେଜୋମୟ ଜଗତଜନକ
ଜୟ ଜୟ ତମୋହରେ
ଆହେ ତେଜୋମୟୀ ଜଗତଜନନୀ
ଜୟ ଜୟ ତମୋହରେ '

ଆହେ ତେଜୋମୟ ଜଗତପାଳକ
ଜୟ ଜୟ ତମୋହରେ
ଆହେ ତେଜୋମୟୀ ଜଗତପାଳନୀ
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

ଜୟ ହେ ଗଣେଶ କର ବିଘ୍ନ ନାଶ
ଜୟ ଜୟ ତମୋହରେ
ଦୂର କର ଭୟ, ଦିଅ ହେ ଅଭୟ
ଜୟ ଜୟ ତମୋହରେ !
ଜୟ ଗଣପତି ଦିଅ ହେ ସୁମତି
ଜୟ ଜୟ ତମୋହରେ
ଜୟ ବିନାୟକ ହେ ଶୁଭଦାୟକ
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

Digitized by srujanika@gmail.com

ଜୟ ହେ ମାଧବ, ଜୟ ହେ କେଶବ
ଜୟ ଜୟ ତମୋହରେ
ହେ ମଧୁସୂଦନ, ଦିଅ ଦିବ୍ୟଜ୍ଞାନ
ଜୟ ଜୟ ତମୋହରେ
ଜୟ ବାସୁଦେବ, ପୂତ କର ଭବ,
ଜୟ ଜୟ ତମୋହରେ
ଜୟ ଲୋକନାଥ, ଜୟ ଜଗନ୍ନାଥ
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

ଜୟ ମହାଦେବ, ଆହେ ସଦାଶିବ
ଜୟ ଜୟ ତମୋହରେ
ଆହେ ମାୟାଧର, ମାୟା କର ହର,
ଜୟ ଜୟ ତମୋହରେ '
ଜୟ ଭୂତପତି, ପୂତ କର ମତି
ଜୟ ଜୟ ତମୋହରେ
ହେ ନଟନାୟକ, ମଙ୍ଗଳଦାୟକ
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ

ଜୟ ଦିବାକର, ଜୟ ପ୍ରଭାକର
ଜୟ ଜୟ ତମୋହରେ
ଜୟ ଦିନକର, ପାପ କର ଦୂର
ଜୟ ଜୟ ତମୋହରେ !

Digitized by srujanika@gmail.com

ଜୟ ହେ ମିହିର, ହର ହେ ତିମିର
ଜୟ ଜୟ ତମୋହରେ
ଜୟ ବିଶ୍ୱକର, ଆହେ ତେଜବର
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

ଜୟ ଜୟ ବାଣୀ, ଦେବୀ ବୀଣାପାଣୀ
ଜୟ ଜୟ ତମୋହରେ
ଜୟ ସରସ୍ୱତୀ, ଦିଅ ମହାମତି
ଜୟ ଜୟ ତମୋହରେ !
ଜୟ ମା ଭାରତୀ, ଜ୍ଞାନେ କର ଭାନ୍ତି
ଜୟ ଜୟ ତମୋହରେ
ଜୟ ମା ଶାରଦା, ଜୟ ମା ବରଦା
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ

ଜୟ ମା ଭବାନି, ହେ ଭବମୋହିନି
ଜୟ ଜୟ ତମୋହରେ
ଜୟ ଭଗବତୀ, ନାଶ ହେ କୁମତି
ଜୟ ଜୟ ତମୋହରେ !
ଜୟ ମା ବିଜୟା, ନାଶ କର ମାୟା
ଜୟ ଜୟ ତମୋହରେ
ଜୟ ମହାରୂପା, ଜୟ ମା ସୁରୂପା
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

Digitized by srujanika@gmail.com

ଜୟ ହେ କମଳା, ଜୟ ହେ ବିମଳା
ଜୟ ଜୟ ତମୋହରେ
ଜୟ ଜୟ ରମା, ନାଶ କର ଅମା
ଜୟ ଜୟ ତମୋହରେ !

ଜୟ ପଦ୍ମାଳୟା, ଦୂର କର ମାୟା
ଜୟ ଜୟ ତମୋହରେ
ହେ ଲୋକଜନନି, ଗୋଲୋକବାସିନି
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

ଜୟ ମା' ଧରଣି, ଜୟ ଜୟ କ୍ଷିତି
ଜୟ ଜୟ ତମୋହରେ
ଜୟ ମା ବସୁଧା, ବରଷ ମା ସୁଧା
ଜୟ ଜୟ ତମୋହରେ !

ଜୟ ବସୁମତି, ଦିଅ ମା ସୁମତି
ଜୟ ଜୟ ତମୋହରେ
ଜୟ ବିଶ୍ୱମ୍ଭରା, ଜୟ ବସୁନ୍ଧରା
ଜୟ ଜୟ ତମୋହରେ
ଜୟ ଜୟ ତମୋହରେ !

Digitized by srujanika@gmail.com

ଆତ୍ମସମର୍ପଣ

କି ଦେଇ ପୂଜିବ ହେ ଜଗତପତି କି ଦେଇ ପୂଜିବ ତୋତେ
ଯାହା ମୁଁ ଦେଖୁଛି, ଯାହା ମୁଁ ଭାବୁଛି, ତୋହର କରୁଣାମତେ ।

ଯେଉଁ ଉପହାର ନେଇଣ ପୂଜିବ, ତାହା ତୋର ଅବଦାନ
ଯେ ମାଟି-ଶରୀର ସେନେହେ ଦେଇଛ, ଭାବେ ତାହା ମୋର ଧନ ।

ପୂଜିବାକୁ ଦିଅ ଏକ ମନେ ପ୍ରଭୁ, ନତେ ଏ ମାଟି-ଶରୀର
ମନ ଜ୍ଞାନ ମୋର ପୂତ କର ପ୍ରଭୁ, ଅହମିକା କର ଦୂର ।

କରଇ ପ୍ରଣତି ଏ ମାଟି-ଶରୀର, ଘେନ ଆହେ ଭଗବାନ
ତୁମରି ଚରଣେ ପୂଜିବାକୁ ସଦା, କରେ ଆତ୍ମସମର୍ପଣ ।

Digitized by srujanika@gmail.com

ଆଗୋ ମହାଶକ୍ତି

ହେ କରୁଣାମୟୀ, ମଧୁମୟୀ ମାତା,
ଦିଅ ହେ ମାନବେ ଦୟା କ୍ଷମା ପ୍ରୀତି,
ଆନନ୍ଦଦାୟିନୀ ମା ଗୋ ମହାଶକ୍ତି
ବିରାଜୁ ସଂସାରେ ଶାନ୍ତି ସୁଧା ମୈତ୍ରୀ ।
ଜୟ ମହାଶକ୍ତି, ହେ ମହାନ ସତ୍ୟ,
ସତ୍ୟରେ ଚଳାଅ ତବ ବିଶ୍ୱପଥ,
ତବ କୃପାବଳେ ମାନବ ସଂସାରେ
ସତ୍ୟ ସେବା ହେଉ ସଦା ମନୋରଥ ।
ଆହେ ମହାଶକ୍ତି, ହେ ମହାନ୍ ଶିବ,
ସରଣି ତୁମର ଅଟେ ସଦା ଧ୍ରୁବ,
ସତ୍ୟପଥେ ସଦା ଚଳାଅ ସନ୍ତାନେ,
ଆଲୋକିତ କରି ଅଧମ ମାନବ ।
ଆଗୋ ମହାଶକ୍ତି, ତୁମେହିଁ ସୁନ୍ଦର,
ତବ ଗତିପଥ ଏ ମହା ଅମ୍ବର,
ସୁନ୍ଦର ତୁମର ଅନାବିଳ ସୃଷ୍ଟି,
ପରିମଳ କର ମାନବ ଅନ୍ତର ।
ତୁମେ ମହାଶକ୍ତି, ତୁମେ ମହାସତ୍ୟ
ଛବିଳ ଜଗତେ ତୁମେ ହିଁ ସୁନ୍ଦର,
ଆଶିଷ ଦିଅ ମା' ! ଦୟାମୟୀ ମାତା,
ସତ୍ୟପଥେ ମତି ରହୁ ନିରନ୍ତର ।

Digitized by srujanika@gmail.com

ଜଣାଣ

ପୂଜେ ଜଗତର ନାଥ ଈଶ୍ୱର
ସେ ଯେ ସକଳ ସୃଷ୍ଟିର ଆକର ।
ତୁମେ ସକଳ ଶକତି ଆଧାର
ତୁମ ଚରଣେ ସଦା ମୋ ଜୁହାର ।
ତୁମେ ଗଢ଼ିଛ ଏ ଭବ, ଏ ଜୀବ
ତୁମେ ଦେଇଛ ସକଳ ବିଭବ ।
ଜଳ ଭୂମି ବାୟୁ ନଭ ଅନଳ
ସବୁ କରନ୍ତି ଜୀବକୁ ସବଳ ।
ତୁମ ଆଦେଶେ ଚଳଇ ପ୍ରକୃତି
ଜୀବ ହିତ ପାଇଁ ସଦା ତା' ଗତି ।
ଦୟା କ୍ଷମା ପ୍ରେମ ସତ୍ୟ ତୋ ନୀତି
ଶିଖି ସେବିବାକୁ ଦିଅ ଶକତି ।
କେବେ ନ କରେ ଯେପରି ଅନୀତି
ମୋର ଏତିକ ମାତର ମିନତି ।
ଯେବେ ମୋ ପାଖେ ଆସିବ ଅନୀତି
ଦୟା ଢାଳିଦେଇ ଦେବ ସୁମତି ।
ତବ ଆଶିଷ ସକଳ ଶକତି
ଦେଉ ସେନେହେ ମୋ ପ୍ରାଣ ଭକତି ।
ଯେବେ ଦୋଷ ଥିବ ମୋର ଭକତି
କ୍ଷମା ଦେବ ଆହେ ମହା ଶକତି ।

Digitized by srujanika@gmail.com

ଭଜନ

ହେ ମହାନ୍ ବିଶ୍ୱପତି ନାହିଁ ଯାର ସୀମା,
କେମନ୍ତେ କଳିବି ମୁହିଁ ତୁମରି ମହିମା ।
ଯାର ଅବୟବେ ଶୋହେ ବହୁ ଛାୟାପଥ,
କି ରୂପେ ସ୍ମରିବି ପ୍ରଭୁ ଆହେ ବିଶ୍ୱନାଥ ।
ଛାୟାପଥେ ସୃଜେ ଯେହୁ ଅଗଣିତ ତାରା,
କି ଆକାର ଦେଇ ତାକୁ ଚିତ୍ରିବି ମୁଁ ପୂରା ।
ତାରା ଦେହୁଁ ସୃଷ୍ଟି କରେ ଯେହୁ ବହୁ ଧରା,
କିପରି ଆଙ୍କିବି ତାକୁ ଦେଇ କେଉଁ ଧାରା ।
ଧରା ଦେହେ ସ୍ଥାପିଛି ଯେ ଦୁରୂହ ପ୍ରକୃତି,
କି ପ୍ରକାରେ ପୂଜିବି ମୁଁ କରି କେଉଁ ସ୍ତୁତି ।
ଜଳ ସ୍ଥଳ ନଭେ ଭରା ଯାହାର ଶକତି,
କେମନ୍ତେ ଜପିବି ମୁହିଁ ସେହି ମହାମତି ।
ଉତ୍ତାପ ଆଲୋକ ଦେଇ ପାଳେ ଯେହୁ ଜୀବ,
କି ଭାଷାରେ କଳିବି ମୁଁ ସେ ଦିବ୍ୟ ମାଧବ ।
ଜୀବନକୁ ରଖେ ଯେହୁ ଦେଇଣ ସମୀର,
କିପରି ପୂଜିବି ମୁହିଁ ସେ ମହା ଈଶ୍ୱର ।
ଦୃଷ୍ଟିର ଅପର ପାରେ ତୁମେ ବି ଅସୀମ,
କି ଭାଷାରେ ଲେଖିବି ମୁଁ, ଯେଣୁ ମୁଁ ଅକ୍ଷମ ।
ଚେତନାର ଆର ପାରେ ଅଛି ସ୍ଥିତି ଯାର,
କି କହି ଭଜିବି ଦେବ ଆହେ ନିରାକାର ।

Digitized by srujanika@gmail.com

ଜୟ ଭାରତ ଜନନୀ !

ଜୟ ମା ଜନନୀ ମଙ୍ଗଳଦାୟିନୀ
ଜୟ ଭାରତ ଜନନୀ,
ଜୟ ମା ତାରିଣୀ ପୀୟୂଷଧାରିଣୀ
ଜୟ ସରୋଜହାସିନୀ । ୧ ।
ଗାଏ ହିମାଳୟ ସୁକନ୍ୟା କୁମାରୀ
ଜୟନ୍ତିଆ ଆରାବଳୀ,
ଜୟ ଗୀତି ଗାଏ ପାରାବାର ଦ୍ୱୀପ
ସୁବାସିତ ପୁଷ୍ପକଳ । ୨ ।
ପୂରୁବ ପଶ୍ଚିମ ଉତ୍ତର ଦକ୍ଷିଣ
ଶତ ମଧୂ ପୟସ୍ୱିନୀ,
ନତ ନରନାରୀ ସମ୍ମିଳିତ ସ୍ୱରେ
ଗାଏ ମା ବିଜୟ ଧ୍ୱନି । ୩ ।
ଜୟ ମା ଜନନୀ ମଙ୍ଗଳକାରିଣୀ
ଜୟ ଭାରତ ଜନନୀ,
ବିଜୟିନୀ ତବ ଶାନ୍ତ ସାମ୍ୟ ମୈତ୍ରୀ
ଜୟ ହେ ବିଶ୍ୱଶୋଭିନୀ । ୪ ।
ଜୟ ମଧୂମୟୀ ଜୟ ଶାନ୍ତମୟୀ
ଭବେ ଅଭୟ ଅକ୍ଷୟ,
ଜୟ ମା ଜନନୀ ଭାରତ ଜନନୀ
ଜୟ ସଦା ତବ ଜୟ । ୫ ।

Digitized by srujanika@gmail.com

ଉତ୍କଳ ବନ୍ଦନା

ଜୟ ମା ଜନନୀ ଉତ୍କଳ ଜନନୀ ଜୟ ହେ ଚାରୁହାସିନୀ,
ଜୟ ଜୟ ତବ ଶାନ୍ତ ମୈତ୍ରୀ ବାଣୀ, ଜୟ ଜୟ ବିଜୟିନୀ ।

ସୁଗନ୍ଧମାଦନ ମହେନ୍ଦ୍ର ଶିଖରୀ ରମ୍ୟ ଗିରି ମେଘାସନ,
ଗାଅଇ କଳିଙ୍ଗା ସପ୍ତଶଯ୍ୟା ଶିଖି ମାତା ସତ୍ୟ ପ୍ରବଚନ ।

ଗାଏ ନୀଳାଚଳ ଶାନ୍ତ ପ୍ରୀତି ବାଣୀ ସାମ୍ୟ ପ୍ରଦୀପ ଜାଳି,
ମାତା ଜୟ ଗୀତି ଗାଅଇ ଚିଲିକା ଗାଏ ସିନ୍ଧୁ ଊର୍ମି ତାଳି ।

ପଲ୍ଲୀଚରୀ ପ୍ରାନ୍ତରୀ ଉଦ୍ଧାରୀ ଅବାରୀ ସିନ୍ଧୁଗାମୀ ସ୍ରୋତସ୍ୱିନୀ,
ସର୍ବ ନରନାରୀ ଗାଆନ୍ତି ପୁଲକେ ତୁମରି ପୀୟୂଷବାଣୀ ।

ଜୟ ହାସମୟୀ ଜୟ ସ୍ନେହମୟୀ ଜୟ ସଦା ତବ ଜୟ,
ଜୟ ପୁଣ୍ୟମୟୀ ଉତ୍କଳ ଜନନୀ ଭବେ ତୁମେ ମା ଅଜେୟ ।

Digitized by srujanika@gmail.com

କବିତା

ସବିତା ଶାଶ୍ୱତ   କବିତା ଶାଶ୍ୱତ   କବିତା ପ୍ରାଣ ଝଙ୍କାର,
ପ୍ରାଣ ରଚୟିତା   ମହାନ ସବିତା   ସକଳ ଶକ୍ତି ଆଗାର ।

ଜୀବନର ଦାତା   ପରାଣେ ଭରିଛି   ଅମ୍ଳାନ ଜ୍ୟୋତି ବିଭବ,
କବିତାର ବୀଣା   ମଧୁର ଲହର   ଭବର ମହା ଗୌରବ ।

ବନ୍ଧୁ କବିଗଣ   ତୋଳିଛନ୍ତି କେତେ   ଭାବନାର କୀର୍ତ୍ତିମାଳା,
ବିଶ୍ୱେ, ଦିବ୍ୟ ପଥ   ଦେଖାନ୍ତି ସରବ   ଶାଶ୍ୱତ ଅସୀମ କଳା ।

ସୁଜ୍ଞାନ ଭଣ୍ଡାର   ଅସୀମ ଅପାର   ପ୍ରଜ୍ଞାର ଅମୂଲ୍ୟ ଧନ,
ବିତରେ ସୁବାସ   ଅନନ୍ତ କଳ୍ପନା   ପ୍ରିୟଦର୍ଶୀ ତପୋବନ ।

କବିତା ରାଇଜେ   ତୁମକୁ ଦେଖିଛି   ତୁମରି କରୁଣା ପାଇ
ଦେଖିଛି ସବୁଠି   ତୁମ ଛବି ମୁହିଁ   ଅଥବା ତୁମରି ଗୁଇ ।

ଯାହା ମୁଁ ଭାବିଛି   ତାହା ମୁଁ ଲେଖିଛି   ଘେନ ମୋ ପ୍ରାଣ ପ୍ରଣତି,
ମୋ କବିତା ହେଉ ସତ୍ୟମୟ ପ୍ରଭୁ   ଏହାହିଁ ମୋର ମିନତି ।

Digitized by srujanika@gmail.com

ଭଞ୍ଜବିହାର

ଏ ଭଞ୍ଜବିହାର   ସୁଜ୍ଞାନ ମନ୍ଦିର
ଦେଖାଏ ଆଲୋକ ପଥ,
ଏ ଜ୍ଞାନ ମନ୍ଦିରେ   ତରୁଣ ତରୁଣୀ
ନିଅନ୍ତୁ ମହା ଶପଥ ।

ଜ୍ଞାନେ ଦୀକ୍ଷିତ   ହୋଇବେ ସେମାନେ
ଗଢ଼ିବେ ନୂତନ ଧରା,
ଶାନ୍ତି ମୈତ୍ରୀ ସତ୍ୟ   ହେବ ପ୍ରାଣ ବ୍ରତ
ହୋଇବ ଜୀବନ ଧାରା ।

ଏ ଭଞ୍ଜବିହାର   ଝଲସି ଉଠଇ
ଅରୁଣ ଶୁଭ୍ର ଆଲୋକେ,
କନକ ଝଲକେ   ପ୍ରଜ୍ଞାର ଲହରୀ
ବହାଏ ନିତ୍ୟ ପୁଲକେ ।

ନୀଳ ପାରାବାର   ଢାଳି ଉର୍ମିମାଳା
ଗାଏ ନାଚି ମହାବାଣୀ,
ଉଠରେ ତନୟ   ଉଠରେ ତନୟା
ହୁଅ ଜ୍ଞାନେ ମହାମଣି ।

ଦୋଳିତ ପାଦପେ   ମର୍ମର ଶବଦେ
ସଞ୍ଚାରେ ସିକ୍ତ ସମୀର,
ପଠନର କ୍ଲାନ୍ତି   ହରି ଦିଏ ଶାନ୍ତି
ବହାଏ ପ୍ରଜ୍ଞା ଜୁଆର ।

Digitized by srujanika@gmail.com

ରାକା ସାୟନ୍ତନେ ପାରାବାର ଧାରେ
ଉଠେ ସୁନେଲି ଚନ୍ଦ୍ରମା,
ଅପର ଗଗନେ ଭାନୁ ଲୁଚୁଥାଏ
ଦେଖାଇ ତାର ଗରିମା ।

ଚନ୍ଦ୍ରଭାନୁ ଶୋଭା ଗୁରୁ କୁଞ୍ଜବନେ
ବଢ଼ାଏ ଜ୍ଞାନ ମଞ୍ଜରୀ
ଜୀବନ ସରଣୀ ଜନ ହିତେ ଯିବ
ପାଇଣ ପ୍ରଜ୍ଞା ଲହରୀ ।

କବୀନ୍ଦ୍ର ଉପେନ୍ଦ୍ର ଗୌରବେ ନାମିତ
ମହା ସୁଜ୍ଞାନ ମନ୍ଦିର,
ପ୍ରକାଶି ସୌରଭ ଜ୍ଞାନ ଜୟ ଗୀତି
ସଦା କରଇ ଝଙ୍କାର ।

ଜ୍ଞାନ ହିଁ ଆଲୋକ ଜ୍ଞାନ ହିଁ ସୁପଥ
ଜ୍ଞାନ ହିଁ ମହାନ ଧନ
ଅସାଧ୍ୟ ସାଧନ କର ଏ ଧରାରେ
ଜ୍ଞାନେ ହୋଇ ବର୍ଦ୍ଧୀୟାନ ।

ସର୍ବ ସୁତ ସୁତା ନଅନ୍ତୁ ଶପଥ
ରଖିବେ ଜ୍ଞାନର ଟେକ,
ଏ ଭଞ୍ଜବିହାର ଜ୍ଞାନ ତପୋବନ
ଭିତରେ ଦିବ୍ୟ ଆଲୋକ ।

Digitized by srujanika@gmail.com

ହେ ମହାସାଗର !

ଧୀରେ ଧୀରେ ଉଠେ ପାରାବାର କୋଳେ
ଲୋହିତ ବର୍ଣ୍ଣେ ସବିତା,
ମୃଦୁଳ ହିଲ୍ଲୋଳ ଶାନ୍ତ ପରିବେଶେ
ଗାଏ ତୁମରି ବାରତା ।

ହରଷେ ଗାଅଇ ସିନ୍ଧୁ ଉର୍ମିମାଳା
ସ୍ରଷ୍ଟାର ମହାନ ଯଶ,
ଫେନିଳ ତରଙ୍ଗ ତୀର ପ୍ରାନ୍ତେ ଆସି
ଲଭେ ସୈକତ ପରଶ ।

ନିମିଷେ ସୈକତ ଅନ୍ତରେ ବାହିଇ
ଧାବମାନ ଜଳରାଶି,
ଫାଟିଳ ଦିଶଇ ବାରିଧି ପୁଳିନ
ସିକ୍ତ ହୁଏ ଦିବାନିଶି ।

ସାଗର ସମୀର ସଦା ସୁଶୀତଳ
ଜନ୍ମାଏ ମହା ଉଲ୍ଲାସ,
ପାଦପ ମର୍ମର ମହା ଘରୋଚ୍ଛ୍ୱାସେ
ଦିଅଇ ତବ ଆଭାସ ।

ଉଠଇ ଚନ୍ଦ୍ରମା ଆଣଇ ମୂର୍ଚ୍ଛନା
ସ୍ଫୀତ ହୁଏ ଜଳରାଶି,
ନର୍ତ୍ତନ କରଇ ଅସୀମ ଜଳଧି
ମହିମା ତବ ପ୍ରକାଶି ।

Digitized by srujanika@gmail.com

ଘୋମକାନ୍ତ ରୂପେ ଅମାବାସ୍ୟା ରାତି
ପ୍ରକମ୍ପିତ କରେ ବେଳା,
ଉଚ୍ଛ୍ୱସିତ ସିନ୍ଧୁ ଉଦାତ୍ତ ଲହରେ
ଦେଖାଏ ତୁମର ଲୀଳା ।
ତପନ କିରଣେ ଉଦ୍ଭୂତ ଶୀକର
କ୍ରମେ ନଭେ ଘନୀଭୂତ,
ଜଳଦ ସମୂହେ ବାୟୁ ସଞ୍ଚଳନେ
ହୋଇଥାନ୍ତି ଉଚ୍ଛଳିତ ।
ବରଷାର ଧାରା ବହିଯାଇଥାଏ
ଧରା ହୁଏ ସୁଶ୍ୟାମଳ,
ପଲ୍ଲବିତ ତରୁ ବିକଶିତ ଶସ୍ୟ
ଆଣଇ ହାସ୍ୟ ମଞ୍ଜୁଳ ।
ବହି ରତ୍ନମାଳା ନାନାବିଧ ଜୀବ
ଉତ୍ତାପ ଶକ୍ତି ବିଭବ,
ଜନ ହିତ ସାଧି ବିଶ୍ୱ ପତି ଯଶ
ଗାଉଛ ତୁମେ ଅର୍ଣ୍ଣବ ।
ଅଖଣ୍ଡ ଅନନ୍ତ ସ୍ଫୀତ ଅମ୍ବୁରାଶି
ସ୍ତବ୍‌ଧ କରଇ ମାନବେ,
କହନ୍ତି ଅମ୍ବୁଧି ମାନବ ସଭ୍ୟତା
ବିଚ୍ଛିନ୍ନ କରଇ ଭବେ ।
ସତ୍ୟ ସେ ନୁହଇ ହେ ମହାସାଗର
ମିଳାଇଛ ଦେଶ ଦେଶ,
ଆଦାନ-ପ୍ରଦାନେ ବଢ଼ାଇ ସଭ୍ୟତା
ଧୋଇଛ ଜନ କଲୁଷ ।

Digitized by srujanika@gmail.com

ଭାରତ ବନ୍ଦନା

ଜୟ ସ୍ନେହମୟୀ ଭାରତ ଜନନୀ
ଜୟ ମଧୁମୟୀ ସୁଗନ୍ଧହାସିନୀ ।
ବହୁ ଗିରିମାଳା ମଧ୍ୟେ ପୟସ୍ୱିନୀ
ଡାକୁଛ ସରବେ ଆନନ୍ଦେ ଜନନୀ ।
ମୁକୁଟ ସମାନ ଗିରି ହିମାଳୟ
ତୁଷାର ଆବୃତ ଶାନ୍ତିର ନିଳୟ ।
ଉନ୍ନତ ପ୍ରଶାନ୍ତ ସଦା ସୁବିମଳ
ଯୋଗାସନେ ରତ ଗିରୀନ୍ଦ୍ର ଧବଳ ।
ଗିରୀଶ ତନୟା ପୂତ ଗଙ୍ଗାମାତା
ସର୍ବ ଭାରତୀୟ ହୃଦୟେ ପୂଜିତା ।
ହରେ ସର୍ବ ପାପ ତାର ସ୍ୱଚ୍ଛ ନୀର
ଭୁବନେ ବନ୍ଦିତା ସୁଧାର ଆଗାର ।
ତୋ ବକ୍ଷେ ଯମୁନା ପ୍ରୀତିର ନମୁନା
ମୁରଲୀର ସ୍ୱନେ ରାଇ ବନ୍ଧାପନା ।
ଯମୁନାର କୋଳେ ମହା ପ୍ରୀତି ମେଳା
ତୋ ତାଜମହଲ ସୂକ୍ଷ୍ମ ଚାରୁକଳା ।
ପୂର୍ବ ପାର୍ଶ୍ୱେ ଶୋଭେ ନଦୀ ବ୍ରହ୍ମପୁତ୍ର
ଅଭେଦ୍ୟ ଶକ୍ତିଳେ କ୍ଷିପ୍ର ଯାର ସ୍ରୋତ ।
କର୍କରିତ ପ୍ରାନ୍ତ ନୀଳ ଉପତ୍ୟକା
ଅରୁଣ ଧଉତ ଛବିଳ ମାଳିକା ।
ପ୍ରାଚୀନ ସଭ୍ୟତା ଗୌରବ ପ୍ରବାହ
ବାହି ଯେଉଁ ନଦୀ ଦିଅଇ ଉତ୍ସାହ ।

Digitized by srujanika@gmail.com

ସେହି ସିନ୍ଧୁ ନଦୀ ତୋର ଅବସ୍ଥିବେ
କୀର୍ତ୍ତି ସୌଧ ରୂପେ ସୁବନ୍ଦିତ ଭବେ ।
ଆରାବଳୀ ସହ ତୋ ପଶ୍ଚିମଘାଟ
ଅନନ୍ୟ ଶୋଭାକୁ କରଇ ପ୍ରକଟ ।
ସାତପୁରା ସହ ରମ୍ୟ ବିନ୍ଧ୍ୟାଚଳ
ପୂର୍ବଘାଟ ଛବି ଜଗତେ ଅତୁଳ ।
ମହାନଦୀ ସହ ଗୁରୁ ଗୋଦାବରୀ
ତୋ ଶୋଭା ବିଭାସେ କୃଷ୍ଣା ଓ କାବେରୀ
ପେରିଆର ସଙ୍ଗେ ତାପ୍ତୀ ଓ ନର୍ମଦା
ମରୁଭୂମେ ଲୂନି ଆଶା ଦିଏ ସଦା ।
ଦ୍ୱୀପରାଜି ସହ ବଙ୍ଗୋପସାଗର
ପ୍ରକ୍ଷାଳନ କରେ ତୋ ରମ୍ୟ ପୟର ।
ଦ୍ୱୀପପୁଞ୍ଜ ସହ ଆରବସାଗର
ଧୌତ କରିଥାଏ ବାହି ନୀଳ ନୀର ।
ସାଗର ମିଳନେ ଅସ୍ତାଚଳ ରବି
କନ୍ୟାକୁମାରୀର ହିରଣ୍ମୟ ଛବି ।
ଦେଖାଉ ସଂସାରେ ଶୋଭାର ଭଣ୍ଡାର
ଶାନ୍ତ ମୈତ୍ରୀ ଗାଇ ତୁହି ନିରନ୍ତର ।
ଗିରିଗଣ ନେଇ ଶତ ଶତ ନଦୀ
ଶୀତଳ କରନ୍ତି ସିନ୍ଧୁ ବକ୍ଷ ଭେଦି ।
ଋଣ ପରିଶୋଧେ ମହା ପାରାବାର
ପଠାଇ ମୌସୁମୀ ଗିରିର ଶିଖର ।
ତୋ ଗୌରବ ଲାଗି ଲଢ଼ିଛନ୍ତି ସମର
ଶୋଣିତ ସମର୍ପି ଏହି ହିନ୍ଦୁ ବୀର ।

Digitized by srujanika@gmail.com

ତୋ ସମ୍ମାନ ପାଇଁ ଏ ମୁସଲମାନ
ହସି ହସି ସଦା କରୁଅଛନ୍ତି ରଣ ।
ତୋ ମର୍ଯ୍ୟାଦା ପାଇଁ ଘୋର ରଣାଙ୍ଗନେ
ଲଢ଼ିଅଛନ୍ତି ଶିଖ ସହାସ ବଦନେ ।
ହରଷ ଚିତ୍ତରେ ଯଶ ପାଇଁ ତୋର
ଲଢ଼ିଛନ୍ତି ଖ୍ରୀଷ୍ଟାନ ଭୀଷଣ ସମର ।
ତୋ ସମ୍ମାନ ଭବେ କରିଛନ୍ତି ପ୍ରତିଷ୍ଠା
ପାର୍ଶି ଜୈନ ବୌଦ୍ଧ ଦେଖାଇଣ ନିଷ୍ଠା ।
ସୁଖେ ଅବା ଦୁଃଖେ ଗାଉ ତୋର ଜୟ
ସରବ ତନୟା ସରବ ତନୟ ।
ତେଣୁ ତୁ ସୁନ୍ଦର ଅମ୍ଳାନ ବଦନେ
ସସ୍ନେହେ ବାନ୍ଧିଛୁ ତୋର ଜନଗଣେ ।
ରହୁ ସେହି ସ୍ନେହ ବନ୍ଧନ ଅମୀୟ
ସର୍ବ ଧର୍ମ ଯେଣୁ ତୋର ସମନ୍ୱୟ ।
ଜୟ ମା ଭାରତ ଜୟ ମା ଜନନୀ
ଜୟ ବିଜୟିନୀ ଶାନ୍ତି ପ୍ରଦାୟିନୀ ।
ତୁମେ ମା ଜନନୀ ଅକ୍ଷୟ ଅଜୟ
ଭାରତ ଜନନୀ ଜୟ ସଦା ଜୟ ।

Digitized by srujanika@gmail.com

ସରଗୁଁ ଆଶିଷ ଦିଅ

ମୁକୁଟ ବିହୀନ   ହେ ଦେଶ ଜନକ   ଆମେ ଆଜି ଦିଗହରା
ପାଇବୁନି ସତେ   ତୁମରି ଆଶିଷ   ବହୁଛି କି ଲୁହଧାରା ?
ତୁମେ ଭାବିଥିଲ   ଏ ଦେଶ ହୋଇବ   ଧରାର ମୁକୁଟ ମଣି
ଫୁଲକେ ଖେଳିବେ   ସରବେ ଏ ଭୂମେ   ମହୀକୁ ଦେଇ ସରଣୀ ।
ଆଶା ହେଲା କି ମଳିନ
ବୁଝିଲେନି ସତେ   ତୁମରି ସେ ଆଶା   ଏ ଦେଶ ମହାନ ଜନ ।

ମହାନ ଜନେ ଏ   ଦେଶରେ ଖାଲିନା   ନିଅନ୍ତି ତୁମରି ନାମ
ଭାଷଣରେ ଖାଲି   ମୋହନ ଗୁଣକୁ   ଠେକିବା ହୁଏ ଧରମ ।
ଲୁହ ଗଡ଼ିଯାଏ   ବାହୁନି କହନ୍ତି   ତୁମରି ମହା ବଚନ
ଥରେ ଜିତିଗଲେ   ଧନ ଗୋଠାଇବା   ହୁଏ ମହା ଦରଶନ ।
ମଜିଲେ ତୁମରି ଆଶା
ଅନାଇ ଅଛନ୍ତି   କୋଟି କୋଟି ଜନ କରି ତୁମକୁ ଭରସା ।

ସତ୍ୟ ଭୁଲିଯାଇ   ଅସତ୍ୟ ହୋଇଛି   ମହାନ ଜନର ଗୁଣ
ବିବେକ ହରାଇ   ଶୋଷଣ ନୀତିରେ   ଏକକୁ ଏକ ପ୍ରବୀଣ ।
ସବଳକୁ ରଖି   ଦୁର୍ବଳକୁ ନାଶ   ହୋଇଛି ପାଳନ ନୀତି
ସତ୍ୟ ତ ଗଲାଣି   ସପନ ହୋଇଣ   ରାଜୁତି କରଇ ଭୀତି ।
ନ ଥିଲା ତବ ଏ ଆଶା
ଅଶ୍ରୁ ନ ଢାଳି   ଆଶିଷ ଦିଅ ହେ   ଜନକ ମହାନଯଶା ।

Digitized by srujanika@gmail.com

ସତ୍ୟର ପଥେ ତୁମେ ହେ ଜନକ ଥିଲ ସଦା ଆଗୁସାର
ହସି ହସି ତୁମେ ଲହୁ ଢାଳି ଦେଲ ଦେବା ପାଇଁ ଅଧିକାର ।
ଏ ଦେଶ କୃଷକ ଏ ଦେଶ ଶ୍ରମିକ ଏ ଦେଶ ସରବ ଜନ
ମଙ୍ଗଳେ ରହିବେ ମିଳନେ ରହିବେ ଏହା ଥିଲା ତୁମ ଧାନ ।
ତୁମରି ଆଶା ଝାଉଁଳେ
ଏ ଦେଶେ ସରବେ ଏ ଦେଶେ ମରବେ ରହନ୍ତି ମହା ବିକଳେ ।

ଏ ମର ଶରୀରେ ତୁମେ ସିନା ନାହିଁ ବଞ୍ଚି ରହିଛ ତୁମେ
ଆନ୍ଦୋଳନ ତବ ଖେଳିଯାଉ ଘରେ ପାପ ନାଶୁ ପ୍ରତି ଲୋମେ
ହେ ମୁକୁଟହୀନ ମହାନ ସମ୍ରାଟ ତମେ ହିଁ ଆଶା ଭରସା
କୁପଥ ଆମର ସୁପଥ କର ହେ ପୂର୍ଣ୍ଣ କର ଆମ ଆଶା
ସରଗୁଁ ଆଶିଷ ଦଅ
ହେ ମହାଜନକ ହେ ମହାସାଧକ ବିନତ ପ୍ରଣତି ନିଅ ।

Digitized by srujanika@gmail.com

ବାଗ୍ଚଲ

ସୂଚୀପତ୍ରେ ଯେବେ   ଲେଖିଲି ତୋ ନାମ
ଲେଖିବ ଏକ କବିତା
ସସ୍ମିତେ ଦେଖଇ   ବୁଝି ନ ପାରଇ
ମୋର ବିଦ୍ୟାରତା ସୁତା ।

ଖୋଜି ମାନଚିତ୍ର   ନ ପାଇଲି ତୋତେ
ଖୋଜିଲି ସେ ଭାଷାକୋଷ
ସେଥିରେ ନ ପାଇ   ବ୍ୟାକରଣ ଖୋଜି
ଲଭିଲି ସେ ପରିତୋଷ ।

ବାର ଅଚଳର   ସମାହାର ବୋଲି
କହିଲି ମୋର ନନ୍ଦିନୀ
ବାର ଗିରିମାଳା   ହିମାଳୟ ଶିରେ
ସଦା ସୌନ୍ଦର୍ଯ୍ୟ ଶୋଭିନୀ ।

ତେଣୁ ବାଗ୍ଚଲ   ଅଟେ ହିମାଳୟ
କହିଲି ହରଷ ଭରେ
ତାର ବ୍ୟାଖ୍ୟା ଶୁଣି   ହସିଲି ପୁଲକେ
ସେ ଦିନ ହସ ନ ସରେ ।

ଖୋଜିଲି ଦ୍ରାଘିମା   ଖୋଜିଲି ଲଘିମା
ଶେଷ ହେଲି ହିମାଳୟେ
କିନ୍ତୁ ବାଗ୍ଚଲ   ସଦା ନାଚି ଉଠୁ
ତୁହି ମୋ ହୃଦ ଆଳୟେ ।

Digitized by srujanika@gmail.com

ପୂର୍ବ ମୋ କହିଲି   ବାଘଚଳ ନଷ୍ଟେ
ଉତ୍କଳରେ ସୁବିଦିତ
ନ ହେଲେ କାହିଁକି   ନନା ଲେଖିଥାନ୍ତେ
ବାଘଚଳ ନାମେ ଗୀତ ।
ବାର ଅଞ୍ଚଳକୁ   ଯେଉଁଠାକୁ ନରେ
ଆସନ୍ତି ସେ ବାଘଚଳ
ଏହିପରି ଏକ   ଜାଗା ଉତ୍କଳରେ
ଏକ ମାତ୍ର ନୀଳାଚଳ ।
ତେଣୁ ନୀଳାଚଳ   ଅଟେ ବାଘଚଳ
କହିଲି ବହୁ ସଜାଡ଼ି
ତାର ବ୍ୟାଖ୍ୟା ଶୁଣି   ସରବେ ଗୃହିଁଲେ
ହସରେ ଗଲି ମୁଁ ବୁଡ଼ି ।
ଶେଷରେ କହିଲ   ଶୁଣ ମନ ଦେଇ
ଅଛି ବାରୁଁଆ ପର୍ବତ
ଅନ୍ୟ ନାମ ତାର   ବାଘଚଳ ଅଟେ
ସେ ଅତୁଳ ସୁମହିତ ।
ମୋର ଜନ୍ମସ୍ଥଳ   ତାଳଚେର ମାଟି
ଧରିଛି ସେ ବାଘଚଳ
ଯେତେ ମୁଁ ସୌନ୍ଦର୍ଯ୍ୟ   ଦେଖିଛି ଏ ଭବେ
ତା ଶୋଭା ଅତି ବିରଳ ।
ଏକ ପାଖେ ବ୍ରାହ୍ମୀ   ତା ଶୋଭା ବଢ଼ାଏ
ସୁବାସିତ ପୁଷ୍ପଲତା
ଅଙ୍ଗେ ନର୍ଝରିଣୀ   ବିହଙ୍ଗମଗଣ
ବିତରନ୍ତି ମଧୁରତା ।

Digitized by srujanika@gmail.com

ନଦାଘେ ଉତ୍ତାପ ହୋଇ ବକରଣ
ଦହେ ଯେବେ ଜୀବଗଣ
ସୁହାସିନୀ ବ୍ରାହ୍ମୀ ନୀଳ ଜଳ ରାଶି
ବାହେ ଶୀତ ସମୀରଣ ।
ଶୀତଳ ସମୀର କାନନ ଦେଶର
ଅର୍ଚ୍ଚନା କରେ ସୁହାଗେ
ଯୂଇ ଜାଈ ମଲ୍ଲୀ ଚମ୍ପକ ବଉଳ
ସୁରଭି ଦିଏ ଗରବେ ।
ସ୍ୱଚ୍ଛ ନିର୍ଝରଣୀ ହିମ ପ୍ରାପ୍ତ ନୀର
ଦେଇ ହରେ ପଥ କ୍ଲାନ୍ତ
ଶ୍ରମ କ୍ଲାନ୍ତ ନର ତନୁ ଅବଗାହି
ଲଭଇ ପରମ ଶାନ୍ତ ।
ରସୁଆଳ ଚୂତ ସନ୍ତୋଷେ ପଥିକ
ଲହୁରେ ସଞ୍ଚାରେ ବଳ
ଘରମୁହାଁ ହୋଇ ଚାଲଇ ଶ୍ରମିକ
ମୁଖ ଦିଶଇ ଉଜ୍ଜ୍ୱଳ ।
ଶିଖରୀ ମସ୍ତକେ ବସ୍ତାରେ ଜଳଦ
ଲୁଚିଯାଏ ଦିନକର
ପକ୍ଷ ଖୋଲି ନାଚେ ପ୍ରମୋଦେ ମୟୂର
କେକା ଦିଏ ଉଚ୍ଚଗୀର ।
ଖେଳେ ସୌଦାମିନୀ ସ୍ତବ୍ଧ କରେ ବ୍ରଜ
ଶିଳା ଭେଦି ବହେ ନୀର
ଆଶାର ସଉଧ ଗଢ଼ଇ କେଦାରେ
ଗିରି ପଦେ କୃଷୀ ବାର ।

Digitized by srujanika@gmail.com

ନୀରସ ତରୁରେ   ଖେଳ ଉଠେ ଶୌର୍ଯ୍ୟ
ପଲ୍ଲବିତ ବୃକ୍ଷଲତା
ଶସ୍ୟ ଶ୍ୟାମ ଶୋଭା   କୃଷକ ବଧୂରେ
ଦିଅର ଆଶାର ଗୀତା ।
ଶୋକ ଲଭିଯାଏ   ସୁଖ ସୌଧ ଉଠେ
ଭୁଲନ୍ତି ସରବ କ୍ଲେଶ
ମନାସନ୍ତି ଇଷ୍ଟ   ଦେବ ଗ୍ରାମବାସୀ
ଜାଗେ ନବ ଅଭିଳାଷ ।
ଶାରଦୀୟା ରାକା   ଢାଳେ ନବରାଗ
ହସିଉଠେ ବାରିଚର
ହରଗୌରୀ ସହ   ଜହ୍ନି ଫୁଲ ଆଣେ
ଚନ୍ଦ୍ରାତପେ ହର୍ଷରୋଳ ।
ଦୂର ବିଦେଶରୁ   ଫେରିବ ତା ସଖା
ଚନ୍ଦ୍ରାଳୟା ସିମନ୍ତିନୀ
ହରିଦ୍ରା ଲେପନେ   ବଢ଼ାଇଛି ଆଭା
ବିରହିଣୀ ପ୍ରଣୟିନୀ ।
ସଖା ଯେ ଫେରିଛି   ଆଣିଛି ନବୀନ
ବସ୍ତ୍ର ଆଉ ଆଭରଣ
ଦୁର୍ଗତି ନାଶିନୀ   ଜୟ ମାତଃ ଦୁର୍ଗେ
ଶୁଣିଛ ତା ନିବେଦନ ।
ଶୀତର ପ୍ରବାହ   ଆସଇ ଗିରିରେ
ପ୍ରକାଶେ ଲଳିତ ଶୋଭା
ନାନାବିଧ ପକ୍ଷୀ   ତରୁରେ ଆଶ୍ରିତ
ଦେଖିଣ କେଦାର ପ୍ରଭା ।

Digitized by srujanika@gmail.com

କନକ କେଦାର　　　　ଦେଇଛୁ କୃଷକେ
　　ଅପୂର୍ବ ଆଶା ଆଶ୍ୱାସ
ଗନ୍ତାଘର ପୂରି　　　　ବରଷ କଟିବ
　　ସୁଖରେ, ଏହି ବିଶ୍ୱାସ ।
ଜୟ ମହାଲକ୍ଷ୍ମୀ　　　　ସମ୍ପଦ ଦାୟିନୀ
　　ବୁଝିଛ କଠିନ ଶ୍ରମ
ଜୟ ମହାଜ୍ୟୋତି　　　　କମଳଲୋଚନା
　　ଦୁଃଖ କର ଉପଶମ ।
କଳକଣ୍ଠ ଗାନେ　　　　ପର୍ବତେ ଧ୍ୱନିତ
　　ବହଇ ମୃଦୁ ମଳୟ
କେତକୀ ମାଳତୀ　　　　ମାଧବୀ ପାଟଳି
　　କାନନେ ହୋଇଛୁ ପ୍ରିୟ ।
ଗିରି ପାଦଦେଶେ　　　　ସ୍ୱଚ୍ଛ ସରୋବରେ
　　ହସେ ରମା କୁମୁଦିନୀ
ଜଳସ୍ତର ଭେଦି　　　　ଟେକିଅଛୁ ମଥା
　　ସୌଗନ୍ଧିକ ଆହ୍ଲାଦିନୀ ।
ଆସିଲେ ଭବାନୀ　　　　ଯେବେ ଏ ଉତ୍କଳେ
　　ଦେଖି ଏହି ଶୁଦ୍ଧସ୍ଥଳ
ହିଙ୍ଗୁଳାଇ ବୋଲି　　　　ନିଜକୁ ସ୍ଥାପିଲେ
　　ଢାଳି ବ୍ରାହ୍ମୀ ପୂତ ଜଳ ।
ଆସିଲେ ଦୂରରୁ　　　　ପୂଜିବାକୁ ଦେବୀ
　　ଶତ ଶତ ନରନାରୀ
ଗୌରବ ବଢ଼ିଲା　　　　ଗଗନ ଭେଦିଲା
　　ଜୟ ଅମ୍ବିକେ ଶଙ୍କରୀ ।

Digitized by srujanika@gmail.com

ସର୍ବ ଶକ୍ତିମୟୀ   ମଧୁମୟୀ ମାତା
        ସ୍ନେହେ ଦେଇଥିଲେ ବର
କର୍ମ କରି ଯଶ   ରଖ ଏ ସଂସାରେ
        ଅଶାନ୍ତିକୁ କର ଦୂର ।
ଅଶାନ୍ତି ଯେବେ ଏ   ଧରାରେ ବଢ଼ିଲା
        ଉଠି ତା ଙ୍କର ସନ୍ତାନେ
ଐକ୍ୟବଦ୍ଧ ହୋଇ   ସ୍ୱାଧୀନତା ରଣ
        କରିଲେ ହାସ୍ୟ ବଦନେ ।
ସ୍ୱାଧୀନତା ଝର   ପ୍ରବାହିତ କଲେ
        ଶରୀରୁଁ ଶୋଣିତ ଢାଳି
ଆଗୁଆ ହୋଇଲେ   ଏ ଦେଶ ମାଟିରେ
        ସ୍ୱାଧୀନ ପ୍ରଦୀପ ଜାଳି ।
ସ୍ୱାଧୀନତା ଝର   ମିଶି ଯାଇଥିଲା
        ମହାଭାରତୀୟ ସ୍ରୋତେ
ସ୍ୱାଧୀନ ଭାରତେ   ଏ ଝର କାହାଣୀ
        ସୁବଦିତ ଇତିବୃତ୍ତେ ।
ଉଜ୍ଜ୍ୱଳ ଆଲୋକ   ଆଶାର ସେ ଅଟେ
        ଶକ୍ତିର ସେ ମହାବ୍ୟୂହ
ଭାରତ ସେବାରେ   ଗଢ଼ି ଉଠେ ଏବେ
        ତାପଜ ଶିଳ୍ପ ସମୂହ ।
ସେହି ବାରିଜଳ   ମୋ ମନ ମଧ୍ୟରେ
        ନଚୁଏ ତାହାର ଛାୟା
ଭୁଲି ମୁଁ ପାରିବ   ନାହିଁ କେବେହେଲେ
        ତାହାର ଅଶେଷ ମାୟା ।

Digitized by srujanika@gmail.com

ମରଣ ପର୍ଯ୍ୟନ୍ତ ମନେ ଥିବ ଉଚ
ତାର ନାନାବିଧ ଖେଳ
ଯେ ଶୋଭା ଦେଖିଛି ଭବେ ଘୂରି ଘୂରି
ତା ଶୋଭା, ଶୋଭାକମଳ ।
ଯଦି ବା ନୁହେ ସେ ମହା ହିମାଳୟ
ନୁହେ ପୁଣ୍ୟ ନୀଳାଚଳ
ତଥାପି ମୋ ପକ୍ଷେ ମହା ପୂଜାସ୍ଥଳୀ
ଅଟେ ସେହି ବାଲ୍ୱଚଳ ।

Digitized by srujanika@gmail.com

ଘୂର ସର୍ବତାର କକ୍ଷେ

କାହୁଁ ମୁଁ ପାରବ ଭାବ ଏ ମହାନ ବର୍ଣ୍ଣ,
ଜ୍ୟୋତିଷ୍କ ସମ୍ବନ୍ଧ ଯହିଁ କଳ୍ପନା ଅଗୋଚ
ଚିନ୍ତା, ଭାଷା ହୁଏ ଲୁପ୍ତ, ମଣଇ ମୁଁ ନିଃସ୍ୱ
କିନ୍ତୁ ଏ କ୍ଷୁଦ୍ର ହୃଦୟ ହୁଏ ଉଦ୍‌ବେଳିତ ।

ସର୍ବତା ଅନନ୍ତ ନଭେ ଏକକ ତାରକା
ତା ସଙ୍ଗିତ କକ୍ଷେ ଘୂରେ, ଅବିରାମ ଗତି
ବିମୋହନ ସୃଷ୍ଟି କରି ଅବିରତ ଏକା
ତାରକିତ ଆକାଶର ଦେଖାଅ ସହିତ ।

କି ସତ୍ୟେ କାହିଁକି ଘୂରେ ଏ ବିଶାଳ ବ୍ୟୋମେ
କେଉଁ ଆଶା ରଖି ଧାଏଁ ସୁଷମ ଗତିରେ
ଭାବେ ଯେବେ ଚିନ୍ତା ମୋର ହୁଏ କ୍ଷୀଣ କ୍ରମେ
ନ ପାରେ କଳନା କରି ତବ ମହିମାରେ ।

ସାଗର ତରଙ୍ଗମାଳା ବନାନୀର ଶୋଭା
ସୁନେଲି କେଦାର ସହ ମଧୁ ପୟସ୍ୱିନୀ
ଉଷାର ଆଲୋକେ ତାଳ ନୀଳିମାର ପ୍ରଭା
ଅର୍ଚ୍ଚନା କାହାର କରି ଦିବସ ରଜନୀ ।

ସୁବାସିତ ଯୁଇ, ଜାଈ, ମଲ୍ଲିକା, ତୁଳସୀ
ସୁନ୍ଦରୀ ରଜନୀଗନ୍ଧା, ଗୋଲାପ, ନଳିନୀ
ମଧୁଛନ୍ଦ ପୁଷ୍ପଗଣେ, ମଙ୍ଗଳ ମନାସି
ବନ୍ଦାଅ କାହାକୁ ଦେଇ କୁସୁମ ମାଳିନୀ ।

Digitized by srujanika@gmail.com

ଋତୁଗଣେ ଆସିଥାନ୍ତି ତୁମର ଘୂର୍ଣ୍ଣନେ
ପ୍ରକାଶିଣ ନିଜ ନିଜ ଛବିର ସୁଷମା
ଦେଖାଅ ସେ ଦିବ୍ୟ ଶୋଭା, କାହାର ପୂଜନେ
ଘୂରିବୁଲ ଦେଖାଇଣ, ଶୋଭା ମେଘସୀମା ।

ଶ୍ୱେତ ରକ୍‌କି, ଆପାଲସିଆନ୍, ଆଲପ୍‌ସ୍
ଗିରିରାଜ ହିମାଳୟ, ପାମିର ଆକାଶେ
ବ୍ଲୁ ମାଉଣ୍ଟେନ୍, ଆଣ୍ଡିଜ ସହ ଆଟଲାସ୍
ଅବିରାମ ଘୂର୍ଣ୍ଣନରେ କି ବାର୍ତ୍ତା ପ୍ରକାଶେ ।

ଯାହା ବକ୍ଷେ ତୁମେ ବୁଲ, ସେ ଉଠେ ଅର୍ଣ୍ଣବେ
କ୍ଷୀଣ ସ୍ୱର୍ଣ୍ଣରେଖା ସମ, ହୁଏ ଅର୍ଦ୍ଧ ଟୀକା
କନକ କଳସୀ ଭସେ ସିନ୍ଧୁ ଅବୟବେ
ଉଠଇ ଆନନ୍ଦ ଧ୍ୱନି, ମଙ୍ଗଳ ଗୀତିକା ।

ପ୍ରାଚୀ ଗଗନରେ ଉଠେ ଧୀରେ ବାଳଭାନୁ
ଖେଳଇ ଚପଳ ରଶ୍ମି କାଦମ୍ବିନୀ ସହ
ଅଦୂରେ କନକ ଛବି ବିଭାସଇ ସାନୁ
ଅଶେଷ ପୁଲକ ଜାଗି ଉପୁଜାଏ ମୋହ ।

କୋଳାହଳେ ନରନାରୀ ଆନନ୍ଦ ଉଲ୍ଲାସେ
ସାଗର ଲହରେ ନିଜ ତନୁ କରି ସିକ୍ତ
ପ୍ରକାଶନ୍ତି ନିଜ ଦର୍ପ ଅର୍ଣ୍ଣବ ବିଶ୍ୱାସେ
ଖର ମନ ହରଷରେ ଖେଦ ଶୋକ ମୁକ୍ତ ।

Digitized by srujanika@gmail.com

ଖର ରଶ୍ମି ଢାଳିଥାଏ ମଧ୍ୟାହ୍ନେ ତପନ
ଜଳଉଠେ ସ୍ଥଳଭାଗ, ଫଟାଏ ସାଗର
ସୁଶୀତଳ ସମୀରଣ ତୋଷିଥାଏ ମନ
ତପ୍ତ ଶରୀରରେ କରେ ଉଲ୍ଲାସ ସଞ୍ଚାର ।

ଦିନାନ୍ତେ ସବିତା ଯାଏ ଅସ୍ତାଚଳ ଶିରେ
ହିରଣ୍ମୟ ଛବି ଖେଳେ ପ୍ରତୀଚୀ ଆକାଶେ
ସାୟନ୍ତନ ଦୀପ ଜଳେ ହର୍ଷେ ଘରେ ଘରେ
ସୀମନ୍ତିନୀ ବନ୍ଦଥାଏ ଈଶ୍ୱର ଉଲ୍ଲାସେ ।

ରଜନୀର ମତାଣିଆ ଶାନ୍ତ ପରିବେଶେ
ଯୁଗେ ଯୁଗେ ମମତାର ମିଳନ ମାଧୁରୀ
ହୁଏ ସଞ୍ଚାରିତ, ରୂପକଳା ସବସ୍ୱ ପ୍ରକାଶେ
ଦେଖାଏ ସୃଷ୍ଟିର ମନ୍ଦ୍ର, ରଞ୍ଜନ ଚାତୁରୀ ।

ତବ ସହଯାତ୍ରୀ ହୋଇ ଏ ଅନନ୍ତ ନଭେ
କୌମୁଦୀ ଉଠଇ ଢାଳି ଧବଳ ଜୋଛନା
ମଦିର ରୁଚିର ଫେନ ନଭରେଖା ଶୋଭେ
ଆଣିଥାଏ ଜନମନେ ଅଶେଷ ମୂର୍ଚ୍ଛନା ।

ସୁକୁମାର ଖୋଜିବୁଲେ ସାଥି ଜୀବନର
ସୁକୁମାରୀ ପ୍ରଣୟର ଚିଠାଉ ଲେଖଇ
ମତାଣିଆ ରଜନୀରେ କେତେ କେତେ ନର
ଉପବନେ ବୁଲି ବୁଲି ମନକୁ ତୋଷଇ ।

Digitized by srujanika@gmail.com

ନିଶୀଥିନୀ ମାୟାବିନୀ ସଦାଁ ବିମୋହିନୀ
ମୋହର ଛଇଳା କାହିଁ ଲୁଠାଇ ରାଗିଣୀ
ଅନୁରାଗ ଦେଇ କାହିଁ କାନ୍ତା ସୁଶୋଭିନୀ
ଅଶ୍ରୁ ଢାଳେ କାହିଁ ଅବା ଦୁଃଖେ ବିରହିଣୀ ।

ଶ୍ୟାମଳ କରଇ ଯେହୁ ଢାଳିଣ ଶୋଣିତ
କେଦାରେ ଦିଅଇ ଯେହୁ କନକର ଶୋଭା
ଲଭି ଶତ ଅତ୍ୟାଚାର ସଦା ନିଷ୍ପେଷିତ
କାହୁଁ ବା ଉଠିବ ତାର ଜୀବନର ପ୍ରଭା ।

ରାଗ, ଦ୍ୱେଷ, ଅହଙ୍କାର ବଟଳ ବଳବାନ
ଅସୀମ ପ୍ରତାପେ ଯେହୁ କରଇ ଶୋଷଣ
କୃଷକ, ଶ୍ରମିକ ଭୟେ ସର୍ବଦା ମଳିନ
କି ରୂପେ ହୋଇବ ଦୂର ଏ ଭବେ କଣ୍ଟକ ।

ଲୋଭ, ମୋହ ସଦା ଯହିଁ ଟେକିଅଛି ଶିର
ହିଂସା, ମିଥ୍ୟା ଯହିଁ ନିତ୍ୟ କରଇ ରାଜତ୍ୱ
ଧରାରେ ଆସିବ କାହୁଁ କର୍ମଶୀଳ ବୀର
ଖେତ ଚଷି ଦେଖାଇବ ନିଜର ବୀରତ୍ୱ ।

କି ଦେଖୁନ୍ତୁ ଏଭରେଷ୍ଟ ଗିରିରାଜ ଶିରେ
ତୁମରି ନୟନେ ଦେଖେ ସବୁ ଦେଶ ବିଭା
ତୁମରି ଶିଖରେ ଦେଖେ ମେରୁ ପ୍ରଭା ଦୂରେ
ତୁମ ନେତ୍ର ଦେଖେ ସର୍ବ ସାଗରର ଶୋଭା ।

Digitized by srujanika@gmail.com

ହେ ପାମିର ମାଳଭୂମି ହୋଇ ଉଚ୍ଚତମ
କି ଦେଖୁଚ ଖେଦେ ତୁମେ ହିମାଳୟ ସହ
ରମ୍ୟ ଏ ପୃଥିବୀ ଆଜ ପାପେ ମଗ୍ନତମ
କାନ୍ଦେ କିନା ହିମାଳୟ ଢାଳି ହିମ ଲୁହ ।

ହେ ଆଲପ୍‌ସ୍‌ ଟେକି ଶିର ଅନନ୍ତ ଆକାଶେ
ମଣ୍ଟବ୍ଲାଙ୍କ୍‌ ସହ ଦେଖ କେଉଁ ଶୋଭାରାଶି
ମାନବ ଯାତନା ଦେଖି ବଙ୍କ ମହାଦେଶେ
ଦୁଃଖ ଦେଖି ହୃଦ ତବ ଯାଏ କିନା ଭାସି ।

ଆପାଲାସିଆନ୍‌ ରକ୍‌କି ପର୍ବତମାଳମା
ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟେ ଦେଖ ନ ପାଇଣ କର୍ମ
ହତାଶରେ ଲୁହ ଢାଳେ ତରୁଣ ତରୁଣୀ
ନତ ମୁଖେ ରହିଁରହେ, ଦୁଃଖ ଭେଦେ ମର୍ମ ।

ଦେଖି ବହୁ ଛବି, ମହାସାଗରୀୟ ସ୍ରୋତ
ଆଣ୍ଡିଜ୍‌ ପର୍ବତ ସହ ଆମାଜନ ନଦୀ
ଦେଖିଣ ଜନର କ୍ଲେଶ, ମାନବ ନନ୍ଦିତ
ଭୈରବେ ବହାଏ ନୀର, ସିନ୍ଧୁ ହୃଦ ଭେଦି ।

ଆଟଲାସ୍‌ ସହ ଶୁଷ୍କ ସାହାରାର ମରୁ
ଦେଖଇ ତମସାଚ୍ଛନ୍ନ ଗୁରୁ ମହାଦେଶ
ବଞ୍ଚିରହେ ଯହିଁ ଦୁଃଖେ ମରୁ ମରୁ
କି ଆଶା ଦେଇଣ ଅବା ହରିନେବ କ୍ଲେଶ ।

Digitized by srujanika@gmail.com

କେସିସ୍କ୍ୱାସ୍କୋ ସହ ଛବିଳ ବ୍ଲୁ ମାଉଣ୍ଟେନ୍
ଦେଖଇ ସାଗର ସ୍ରୋତ, ପ୍ରବାଳ ପ୍ରାଚୀର
ସବୁ ଥାଇ ମହାଦେଶେ ଦୁଃଖେ ଅଛୁ ଜନ
ଦରିଦ୍ରତା ଗ୍ରୁଡ଼ ନାହିଁ ସୁନ୍ଦର ନଗର ।

କୃଷକ ଶ୍ରମିକ ଯଦି ଲଭିବେ ସୁଦଶା
ଏ ପୃଥ୍ୱୀ ହେବେ ଶ୍ୟାମଳା, ହୋଇବେ ସୁଫଳା
ନାଚିବେ ସରବ ଜନେ ପୂର୍ଣ୍ଣକରି ଆଶା
ତେବେନା ଆସିବେ ହର୍ଷେ ଏ ଭବେ କମଳା ।

ଦିଅ ହେ ଆଶିଷ ମାତା, କର ହେ କରୁଣା
ଘୂରି ସବିତାର କକ୍ଷେ, ଦୁଃଖ ଦିଅ ଅପସରି
ଧରା ହେଉ ମଧୁମୟ, ପାପ ହେଉ ଊଣା
ବିରାଜିତ ହେଉ ସାମ୍ୟ, ତାଳ କୃପାବାରି ।

ମହା ବିଶ୍ୱେ, ହେଲେ ମଧ ଏକ କ୍ଷୁଦ୍ର ଗ୍ରହ
ଉଲ୍ଲସିତ ଅଙ୍ଗେ ଧରି ସକଳ ସମ୍ପଦ
ଘୂରି ସବିତାର କକ୍ଷେ, ପ୍ରକାଶି ଆଗ୍ରହ
ଦୂର କର ଜୀବଗଣ ଆପଦ ବିପଦ ।

Digitized by srujanika@gmail.com

ଭାରତର ବାଣୀ

ଭାରତର ବାଣୀ   ବିଶ୍ୱେ ସୁବିଦିତ
ଅହିଂସା ଓ ସତ୍ୟ   ତାର ଚିର ବ୍ରତ
ହିମାଳୟ ପରି   ପ୍ରଶାନ୍ତ ଉନ୍ନତ
ମନ୍ଦାକିନୀ ସମ   ସଦା ଶୁଦ୍ଧ ପୂତ ।

ପୁଣ୍ୟ ଜାହ୍ନବୀର   ତୀରେ ଆଦିକବି
ଗାଇଲେ ଶ୍ରୀରାମ   ସତ୍ୟମୟ ଛବି
ଯୁଗେ ଯୁଗେ ତାହା   ହୋଇଛି ଅମର
ସତ୍ୟ ହିନା ସାର   ଅସତ୍ୟ ଅସାର ।

ମୁନିବର ବ୍ୟାସ   ଜନନୀର କୋଳେ
ସତ୍ୟ ପ୍ରେମ ସ୍ଥାପି   ଏ ମହୀମଣ୍ଡଳେ
ଗାଇଗଲେ କବି   କରିଯାଅ କର୍ମ
ଫଳକୁ ନ ଭାବି   ଉଦ୍ଦେଶ୍ୟ ଅଛି ଧର୍ମ ।

ଆହେ ମହାବୀର   ଅହିଂସା ଶେଖର
ସତ୍ୟ ଆଚରଣେ   ହୋଇଛ ଭାସ୍ୱର
ତବ ମହାଜ୍ଞାନ   ଜଳାଇ ପ୍ରଦୀପ
ମାନବେ ନେଉଛି   ସତ୍ୟର ସମୀପ ।

ମହାନ ସନ୍ତାନ   ଗୌତମ ନିର୍ବାଣ
ବିଶ୍ୱ ଶାନ୍ତି ପାଇଁ   ବଚନ ପ୍ରବୀଣ
ଜଗତର ହିତେ   ସେହି ମହାବୀର
ଜନ ଦରବାରେ   ଶାଶ୍ୱତ ଭାସ୍ୱର ।

Digitized by srujanika@gmail.com

ଧନ୍ୟ ହେଲ ଜନନୀ   ସତ୍ୟର ଧାରଣୀ
ଧନ୍ୟ ପ୍ରିୟଦର୍ଶୀ   ଅଶୋକର ବାଣୀ
ସେହି ମହାବୀର   ଜିତ ରଣାଙ୍ଗନେ
ଶରଣ ପଶିଲେ   ଶାନ୍ତିର ଚରଣେ ।
ଘୋଷିଲେ ସଂସାରେ   ଯୁଦ୍ଧ ଅତି ତୁଚ୍ଛ
ସତ୍ୟ ଶାନ୍ତି ମୈତ୍ରୀ   ସେବା ଦୟା ଉଚ୍ଚ
ଅଶାନ୍ତ ଧରାରେ   ସେ ମହାନ୍ ବାଣୀ
ପଥପ୍ରଦର୍ଶିନୀ   ମୁକ୍ତି ପ୍ରଦାୟିନୀ ।

ରଚି ଶକୁନ୍ତଳା   ପ୍ରିୟ ମେଘଦୂତ
କହିଲେ ବିଶ୍ୱରେ   ପ୍ରେମକୁ ଶାଶ୍ୱତ
ବିଶ୍ୱର ଗୌରବ   କବି କାଳିଦାସ
ସତ୍ୟ ପ୍ରେମେ ଧରା   କରନ୍ତୁ ହରଷ ।

ଭକ୍ତିମାର୍ଗ ଦେଇ   ଆହେ ରାମାନୁଜ
ଈଶ୍ୱରୀୟ ପ୍ରେମ   ଦେଖାଇଛ ତେଜ
ରାମାନନ୍ଦ ସହ   ହେ ମହା କବୀର
ପ୍ରବାହିତ କଲ   ସତ୍ୟ ପ୍ରେମ ନୀର ।

ହେ ଗୁରୁନାନକ   ମହାନ ସୁମତି
ଦେଇଛ ମାନବେ   ସତ୍ୟ ପ୍ରେମ ପ୍ରୀତି
ଈଶ୍ୱର ସମ୍ମୁଖେ   ସରବେ ସମାନ
ସତ୍ୟ ପ୍ରେମ ସଦା   ଉଚ୍ଚ ଜନ ଧନ ।

ବୀର ଆକବର   ମହାମାନ୍ୟ ମତି
ଧର୍ମ ସମନ୍ୱୟ   ତାଙ୍କର ଆରତି
ସତ୍ୟ ପ୍ରେମ ପାଇଁ   ଗଢ଼ିଥିଲେ ତାଜ
ସେ ଶାହାଜାହାନ   ବିଶ୍ୱ ନର ରାଜ ।

Digitized by srujanika@gmail.com

ଈଶ୍ୱରୀୟ ପ୍ରେମେ ହୋଇ ଜାଗରଣ
ନିନ୍ଦା ବା ପ୍ରଶଂସା ନ କରିଣ ଧ୍ୟାନ
ହେ ମହାନୁ ଭବ ନିଜାମଉଦ୍ଦିନ
ସତ୍ୟ ପ୍ରେମେ ଦେଲ ଦେଶେ ପ୍ରବୋଧନ ॥

ହେ ରାମମୋହନ ଉଦାର ମାନବ
ବିଶ୍ୱ ପ୍ରେମ ପାଇଁ ଦେଇଛ ସରବ
ଆହେ ଦୟାନନ୍ଦ ଭାରତ ସଂସ୍କୃତି
ମାର୍ଜନା କରିଣ ସ୍ଥାପିଛ କୀରତି ।

ସ୍ୱଦେଶ ମାଟିର ନର ଓ ରମଣୀ
ହୁଅନ୍ତୁ ଏ ଭବେ ଭ୍ରାତା ଓ ଭଗିନୀ
ସେ ବିବେକାନନ୍ଦ ଢାଳି ସତ୍ୟପ୍ରେମ
ବିଶ୍ୱରେ ଦିଅନ୍ତି ଆନନ୍ଦ ଅସୀମ ।

ଭାରତର ବାଣୀ କରିଲ ଆକୃଷ୍ଟ
ଆସିଲ ଦୂରରୁ ହେ ଆନିବେସାନ୍ତ
ଏହି ଦେଶ ଜନେ ଦେଲ ହେ ବିଶ୍ୱାସ
ସତ୍ୟ ପ୍ରେମ ମୈତ୍ରୀ ହୋଇଲା ପ୍ରକାଶ ।

ଦେଶ ସାରିବଖ୍ୟ ବିକଶିବା ପାଇଁ
ଜୀବନ ଦେଇଛ ଆହେ ଦାଦା ଭାଇ
ସ୍ୱରାଜ୍ୟ ନରର ଜନ୍ମଗତ ଦାବି
କହିଛ ତିଳକ ଆହେ ସ୍ପଷ୍ଟବାଦୀ ।

ଅହିଂସା ସାରଥି କରି ସତ୍ୟାଗ୍ରହ
ପ୍ରକୃତ ସତ୍ୟକୁ କରିଅଛ ମୋହ
ହେ ମହାତ୍ମାଗାନ୍ଧୀ ଢାଳି ଶାନ୍ତ ସୁଧା
ଲାଘବ କରିଛ ଏ ତପ୍ତ ବସୁଧା ।

Digitized by srujanika@gmail.com

ହେ ସୁବାସଚନ୍ଦ୍ର   ତୁମର ଭାରତ
ଏ ଦେଶ ମାଟିର   ବଢ଼ାଏ ମହତ୍ତ୍ୱ
ତବ ଧାତ୍ର ଛବି   ହୁଏ ବିଭାସିତ
ତୁମର ସାଧନା   ସଦା ଆଲୋକିତ ।

ଗୁରୁ ରାଧାକୃଷ୍ଣ   ବିଜ୍ଞାନୀ ରମଣ
ବିଶ୍ୱକବି ରବି   ସଙ୍ଗୀତ-ପ୍ରବୀଣ
ଗାଇଛନ୍ତି ଏହି   ଦେଶ ମହାବାଣୀ
ଜ୍ଞାନେ ବିମୋହିନୀ   ମଧୁର ଭାଷିଣୀ ।

ବିଶ୍ୱକୁ ଦେଇଣ   ପଞ୍ଚଶୀଳ ନୀତି
ଜବାହରଲାଲ   ଭାରତ ବିଭୂତି
କୁଟିଳ ସଂସାର   ଅର୍ଣ୍ଣବ ଜଟିଳ
ସୁନୀତି ତୁମର   କରଇ ସରଳ ।

ମହାମାୟା ଶ୍ରୀ ମା   ବିଦୂଷୀ ରମଣୀ
ବିତରିଲେ ବିଶ୍ୱେ   ଶାନ୍ତି ମୈତ୍ରୀବାଣୀ
ଦୟା ସେବା ଦେଇ   ମାନବ ପିପାସା
ନିର୍ବାସିତ କଲେ   ମଦର ଟେରେସା ।

ରହୁ ସତ୍ୟ ପ୍ରେମ   ଦୟା ମୈତ୍ରୀ ପ୍ରୀତି
ଗାଉଛୁ ଧରାରେ   ଶାନ୍ତି ଜୟ ଗୀତ
ଜଟିଳ ସଂସାରେ   ଦିଅ ମା ଆଲୋକ
ଶାଶ୍ୱତ ରହୁ ମା   ତୁମର ଝଲକ ।

Digitized by srujanika@gmail.com

ଖୋଜେ ମୁହିଁ ଭଗବାନ

ଶିଖର ଶିଖରେ ଧବଳ ମଧ୍ୟରେ
ଖୋଜେ ମୁହିଁ ଭଗବାନ
ଶିଖର ସମୀର ଶୀତଳ କରଇ
ମୋର ମାନ ଅପମାନ ।

ନୀଳ ଉପତ୍ୟକା ରୂପେ ବିକଶିତ
ଖୋଜେ ମୁହିଁ ଭଗବାନ
ମୋର ଧ୍ୱନି ସହ ଦେଇ ପ୍ରତିଧ୍ୱନି
ଅତୁଟ କରେ ମିଳନ ।

ତମିରେ ଆବୃତ ଗିରିଗୁହା ପଥେ
ଖୋଜେ ମୁହିଁ ଭଗବାନ
ଖିନ୍ନବସ୍ତ ପ୍ରାଣେ ମୋ କରୁଣ ଗାଥା
କରେ ମୁହିଁ ନିବେଦନ ।

ନଗରେ ନଗରେ ବହୁ ଦେବାଳୟେ
ଖୋଜେ ମୁହିଁ ଭଗବାନ
ଅଙ୍ଗରାଗ ସହ ଦେଇ ଉପାୟନ
ମାଗେ ଦୁଃଖ ଅବସାନ ।

ଶ୍ୟାମଳ ଖେତରେ କନକ କେଦାରେ
ଖୋଜେ ମୁହିଁ ଭଗବାନ
ହସି କେ କହଇ ଶୁଣ ତୁ ବାତୁଳରେ
ଶ୍ରମର ଏ ପ୍ରତିଦାନ ।

Digitized by srujanika@gmail.com

ଦିଅ ସର୍ବେ କର୍ମ କରିବୃରେ ଶ୍ରମ
ଖୋଜେ ମୁହିଁ ଭଗବାନ
ଇଙ୍ଗିତ ଦିଏ ସେ ସମାଜରକ୍ଷକେ
କର ତୋର ନିବେଦନ ।
ସମାଜରକ୍ଷକ ମହା ଦରବାରେ
ଖୋଜେ ମୁହିଁ ଭଗବାନ
ହସି ହସି କହେ ଜନତା ଠାକୁର
ଚାଲିଯାଅ ଅଭାଜନ ।
ଅବସାଦେ ଯେବେ ଗ୍ରାମ ମନ୍ଦିରରେ
ଖୋଜେ ମୁହିଁ ଭଗବାନ
ଶାନ୍ତ ପରିବେଶେ ବନ୍ଦେ ପ୍ରଭୁପଦ
ଦୁଃଖ କର ବିମୋଚନ ।
ଚାରୁ ଉପବନେ ଯାଏ ଅବସନ୍ନେ
ଖୋଜେ ମୁହିଁ ଭଗବାନ
ବିତରି ମହକ ସ୍ମିତ ରାଗେ ପୁଷ୍ପ
କରିଥାଏ ବିମୋହନ ।
ଘନ କାନ୍ତାରରେ ଅସୀମ ସାହସେ
ଖୋଜେ ମୁହିଁ ଭଗବାନ
କୃପାକର ପ୍ରଭୁ ଦିଅ ମହାପ୍ରଭୁ
ମୋତେ ତବ ଦରଶନ ।
ମହା ଶ୍ମଶାନେ ନିଶୀଥେ ନୀରବେ
ଖୋଜେ ମୁହିଁ ଭଗବାନ
ଚିହ୍ନାଇନ ସମସ୍ତ ତୋହର ଏଠାରେ
ଚାଲିଯାଅ ଅନ୍ୟ ସ୍ଥାନ ।

Digitized by srujanika@gmail.com

ତନୁ ଅବଗାହି ସରୋବର ନୀରେ
ଖୋଜେ ମୁହିଁ ଭଗବାନ
ଖୋଜୁଥାନ୍ତି ପୂତେ ନରନାରୀଗଣ
କରି ନାନା ସମ୍ବୋଧନ ।
ତରଙ୍ଗିଣୀ ତଟେ କୃତାଞ୍ଜଳି ପୁଟେ
ଖୋଜେ ମୁହିଁ ଭଗବାନ
ଯାର ସ୍ୱଚ୍ଛ ନୀର ଦେଇ ଶାନ୍ତିସୁଧା
ତୋଷେ ଶତ ଶତ ଜନ ।
ଦହ ଜଳରାଶି ସୁଧୀର ଲହରେ
ଖୋଜେ ମୁହିଁ ଭଗବାନ
ଯାର୍ଦ୍ଧ ନୀଳ ରେଖା ନଭେ ମିଶିଯାଇ
ଦିଏ ଗୁରୁ ଦରଶନ ।
ମହୋଦଧି ନୀରେ ନୀଳ ଖାଚମାନେ
ଖୋଜେ ମୁହିଁ ଭଗବାନ
ସ୍ଫୀତ ଖାଲି ଆସେ ଭୈରବ ତରଙ୍ଗେ
ନ ପାଏ ଭୂତଭାବନ ।
ଦ୍ୱୀପ ଉପଦ୍ୱୀପେ ପ୍ରବାଳ ପ୍ରାଚୀରେ
ଖୋଜେ ମୁହିଁ ଭଗବାନ
ସାଗର ନୀଳିମା ଆକାଶ ସୁଷମା
ହୁଏ ଯହିଁ ସମ୍ମେଳନ ।
ନାନା ଜଳଯାନେ ପାରାବାର ତଳେ
ଖୋଜେ ମୁହିଁ ଭଗବାନ
ପ୍ରବାଳ ବୈଦୁର୍ଯ୍ୟ ଅଗଣିତ ଜୀବ
ସଦା ଯହିଁ ଅବସ୍ଥାନ ।

Digitized by srujanika@gmail.com

ମହାକାଶଯାନେ ଅସୀମ ଗଗନେ
ଖୋଜେ ମୁହିଁ ଭଗବାନ
ଦୀପ୍ତ ତାରାମାଳା ଛାୟାପଥ ସହ
ସର୍ବଦା କରେ ମଣ୍ଡନ ।

ମନଯାନେ ଯାଏ ଅନନ୍ତ ଆକାଶେ
ଖୋଜେ ମୁହିଁ ଭଗବାନ
ବଣାହୋଇ ଦେଖେ ରଶ୍ମିମାଳା ଲୀଳା
ଅସମ୍ଭବ ତା ମୋହନ ।

ପଥ ଶ୍ରାନ୍ତ କ୍ଳାନ୍ତ ବିଭ୍ରାନ୍ତ ପଥିକ
ଖୋଜେ ମୁହିଁ ଭଗବାନ
ସର୍ବ ଛମୋ ହର ଆହେ ନରହର
କର ମୋତେ ସଂଶୋଧନ ।

ଅସୀମ ଅନନ୍ତ ସର୍ବ ଶକ୍ତିବନ୍ତ
ସର୍ବ ଲୀଳା ଭଗବାନ
ଚେତନା ଅପର ହେଗେ ବି ବିରଜେ
ଅସମ୍ଭବ ତା କଳନ ।

Digitized by srujanika@gmail.com

ଭୁଲ କି ଯାଉଛ ତାହାର ବିଷ

ଆଗ୍ନେୟଗିରି ହୋଇଲେ ସ୍ଫୁରଣ
ସନ୍ତ୍ରେ ଧାଇଁଥାନ୍ତି ବହୁ ଜନଗଣ
କ୍ଷିପ୍ର ଲଭା ଯେବେ ଛନ୍ଦ ଦିଅଇ
ଅଗଣିତ ଜନ ବରନ୍ତି ମରଣ ।

ବଞ୍ଚି ରହିବା ଆଶା ଧରି ସଦା
କେହି ଧାଇଁଥାଏ ଆହୁରି ଆଗେ
ହୁଏତ ଜୀବନେ ବଞ୍ଚି ରହେ ସେ
କେତେ କ୍ଷତି ତାର ପରାଣେ ଜାଗେ ।

ନ ଖାଇ ନ ପିଇ ବଞ୍ଚି ରହିବା
ବାସନା ଅଛିରେ ବହୁତ ଜନେ
ରହୁ ଅବା କେହି ବିଳାସ-ବ୍ୟସନେ
ଈର୍ଷା ନ ଆସଇ ଅସଂଖ୍ୟ ମନେ ।

ଆଗ୍ନେୟଗିରି ଦିଏ ନା ସ୍ଫୁରଣ
ଲୁଚିରହି କେବେ ଜନସମାଜେ
ସଙ୍କେତ ପାଇ ବହୁତ ଆଗରୁ
ନିଜ ଧନ ନେଇ ବାସକୁ ଖୋଜେ ।

ଆଜ କିନ୍ତୁ ହାୟ ଆଗ୍ନେୟଗିରି
ବିଜ୍ଞାନ ଯୁଗରେ ଅତି ପ୍ରଖର
ମାନବ ମାରଣେ ଶତ ବଳୀୟାନ
ଗୋପନେ ଥାଏ ସେ ଯୁଦ୍ଧ ଶିବିର ।

Digitized by srujanika@gmail.com

ଏ ଆଗ୍ନେୟଗିରି ମହା କମ୍ପନ
ଅତିବ ପ୍ରଖର, ଶମ୍ପା ଚଞ୍ଚଳ
ତାର ତେଜସ୍କ୍ରିୟ ରଶ୍ମି ସମୂହ
ବିଚ୍ଛୁରିତ ହୋଇ ଗ୍ରାସେ ସକଳ ।

ଚପଟେ ଦଉଡ଼ିଲେ ନ ରହିବ ସିନା
ମାଂସ-ହାଡ଼େ ଗଢ଼ା ଏହି ଶରୀର
ବଞ୍ଚି ରହିବା ହେବ ଆଶାତୀତ
ନହେତ ହୁଅନ୍ତ ସରବ ନର ।

ଦ୍ୱିତୀୟ ପୃଥିବୀ ରଣ ଅଙ୍ଗନେ
ଭୁଲି କି ଯାଇଛ ତା ଧ୍ୱଂସଲୀଳା
ହିରୋସିମା ନାଗାସାକି ସହରରେ
ବୁଡ଼ିଛି ସକଳ ମାନବ କଳା ।

ଧ୍ୱଂସ ସାଧନେ କି ଅଛି ବାବୁରେ
ବାଞ୍ଛିକା ଲବ୍ଧି କି ଅବା ଯଶ
କି ଆନନ୍ଦ ଲଭୁ ଏ ସୃଷ୍ଟି ବିଶ୍ୱରେ
ମାରଣାସ୍ତ୍ର କରି ତୁ ସମାବେଶ ।

ନିର୍ମାଣ କରି ଆଣବିକ ବୋମା
ନିଉଟ୍ରନ୍ ବୋମା, କ୍ଷେପଣ ଅସ୍ତ୍ର
ସାଇତି ରଖୁଛୁ କାହିଁକି ବାବୁରେ
ଭୁଲି କି ଯାଉଛ ତାହାର ବିଷ ?

Digitized by srujanika@gmail.com

ଶତ ନାଗାସାକିର ଅସ୍ତ୍ରାଗାରଟି
ତୋହର ଦେଶର ସୁନ୍ଦର ମାଟି
ରହିବ କି ଆଉ ସେହି ସୁନ୍ଦରତା
ଯେବେ ଯିବ ଏକ ଭୁଲରେ ଫାଟି ।

ନ ଫାଟୁ ଅବା ସେ ତୋହର ଦେଶରେ
ଫୁଟିବ ଯେବେ ସେ ଅପର ଦେଶେ
କି ଭୀଷଣ ଲୀଳା, କରାଳ ଧ୍ୱଂସ
ସାଧିବୁ ତୁହିରେ କି ଯଶ ଆଶେ ?

କୁହ ଅବା ପିତା, କୁହ ଅବା ମାତା
ତୁହିରେ ସ୍ରଷ୍ଟାର ମହାନ ଦାନ
ବିଶ୍ୱ ରହସ୍ୟ ଜାଣିବା ପାଇଁରେ
ତୋତେ ସେ ଦେଇଛି ଅଧିକ ଜ୍ଞାନ ।

ଜ୍ଞାନର ସୋପାନ ଚଢ଼ି ଚଢ଼ି ତୁହି
ଦେଇଛୁ କେତେରେ ଅମୂଲ୍ୟ ଧନ
ଅଧିକ ସୋପାନ ଚଢ଼ି କପାଁ ଖୋଜୁ
ଅବଶେଷରେ ଧ୍ୱଂସ ନର ନିଧନ ।

ଏକ ଆଣବିକ ବୋମାର ଖର୍ଚ୍ଚେ
କୋଟି ଜନ ତୋଷି ମୁଖରେ ହସ
ଫୁଟାଇ ପାରନ୍ତୁ ଏହି ବିଶ୍ୱରେ
ନହେବ କି ସେହି ତୋ ପଉରୁଷ ?

Digitized by srujanika@gmail.com

ମହାଶୂନ୍ୟ ଯାନେ ମାତା ବସୁନ୍ଧରା
ଦିଶଇ ନୟନେ କେଡ଼େ ଶ୍ୟାମଳ
ସେଇ ଖର୍ଚ୍ଚ ଯଦି କରନ୍ତୁ ବାବୁରେ
ଶ୍ୟାମଳତ ଧରା ହେବ ଉଜ୍ଜ୍ୱଳ ।

ଏ ଧରା ବକ୍ଷେ ନ ହୁଅନ୍ତା ଶୁଣା
ଅନାହାର ଶିଶୁ କରୁଣ ରବ
ଦୁଃଖିନୀ ଜନନୀ ଅଶ୍ରୁ ନ ବହନ୍ତା
ମହା ସ୍ୱର୍ଗ ସମ ହୁଅନ୍ତା ଭବ ।

ଏ ଧରଣୀ ବୁକୁ ହସିଉଠନ୍ତାରେ
ଫୁଟି ଉଠନ୍ତେରେ ସକଳ ଜନ
ଶାନ୍ତି ସୁଧା ସିନା ବରଷି ଯାଆନ୍ତା
ଯାତନା ହୁଅନ୍ତା, ସିନା ସପନ ।

ଆଗ୍ନେୟଗିରି ଲୁଚି ନ ରହଇ
ସ୍ଫୁରଣ ହୋଇଲେ କରଇ ଧ୍ୱଂସ
ଆଣବିକ ବୋମା ଲୁଚୁଇ ସଜାଅ
ଭୁଲି କି ଯାଉଛ ତାହାର ବିଷ ।

Digitized by srujanika@gmail.com

ତୁମେ ବଞ୍ଚିରୁହ, ଆମେ ବଞ୍ଚିରହୁ

ଜନମ ଦେଲ ହେ ଯେବେ ଏ ଧରାରେ
କି ହେବ ଆମ ଆହାର,
କେଉଁଠୁ ପାଇବୁଁ ଆମର ଆହାର୍ଯ୍ୟ
କର ତାର ପ୍ରତିକାର ।

ଭକ୍ଷ୍ୟବସ୍ତୁ ଯେବେ ନ ମିଳେ ସମାଜେ
କି ରୂପେ ସହିବୁ ଭୋକ,
କି ଆସ୍ୱାଦ ଖାଇ ହୋଇବୁ ଆଶ୍ୱାସ
ଭୁଲିବୁ କ୍ଷୁଧାର ଶୋକ ।

ମାଗୁନାହୁଁ ଆମେ ନିତି ଦୁଧଭାତ
ମଧୁର ଖିରି ଖେଚେଡ଼ି,
ମାଗୁଅଛୁଁ ମାତ୍ର ଭାତ ସହ ଶାଗ
ସନ୍ତାନେ କରନ୍ତି ରଡ଼ି ।

କରୁନାହୁଁ ଆଶା ଖାଇବାକୁ କେବେ
ମାଛ ମାଂସ ତରକାରି,
ଭାବୁନୁ କେବେହେଁ ଦେବାକୁ ପିଲାଙ୍କୁ
ରସଗୋଲା, କ୍ଷୀରି, ପୁରି ।

ନ ଥାଏ ଆମର ଦେବାକୁ ଶିଶୁକୁ
ଅଳପ ମିଠା ଗୋରସ,
ପିଲାଙ୍କର ହାଡ଼ ବାହାରି ଦିଶୁଛି
ମୁଖରେ ନାହିଁ ହରଷ ।

Digitized by srujanika@gmail.com

କରିବାକୁ ଲୋଭ ଅନ୍ୟ ସମ୍ପଦରେ
ବଳେ ନାହିଁ କେବେ ମନ,
ନିଜ ପେଟ ପାଇଁ ସନ୍ତାନର ପାଇଁ
ଖୋଜୁ ଥାଉଁ ଆମେ ଅନ୍ନ ।

ଆମ ତୃଷ୍ଣା ସିନା ପିଇବାକୁ ପାଣି
ତାହା ନ ମିଳଇ ବେଳେ,
ମିଠା ଫଳରସ ଅବା ସରବତ
ଖୋଜୁନାହୁଁ କୁତୂହଳେ ।

କାମ-ଆଶା ଆମ ଯାଇଅଛି ମରି
କାମିନୀ ସଦା ରୁଗୁଣା,
ଔଷଧ ଦେବାକୁ ନାହାଁନ୍ତି କଉଡ଼ି
ବୃଦ୍ଧି ହୁଏ ଆମ ବଣା ।

ଆମ ମୋହ ସଦା ଯାଇଅଛି ମରି
ମରି ଆମେ ବଞ୍ଚି ଥାଉ,
ଲଲାଟେ ଆମର ସହିବାକୁ ଅଛି
ସବଳ ଲୋକର ଦାଉ ।

ଭୟ ଭୂଖିତ ଆମେ ନିତ୍ୟ ଏ ସଂସାରେ
ଦେଖି ପ୍ରବଳ ପ୍ରତାପ,
ମରଣ ହୋଇନ ବଞ୍ଚିଛୁଁ ଏ ଭବେ
ସହି ଅନ୍ୟର ଲୋଲୁପ ।

Digitized by srujanika@gmail.com

ମାଡ଼ ବି ଖାଉଛୁ ମାଡ଼ ସହିବାକୁ
ହାଡ଼ରେ ନାହିଁଟି ବଳ
ମାଡ଼ ଖାଇ ଆମେ ନିଜ ନିଜ ମଧ୍ୟେ
କରୁଛୁ ସିନା କନ୍ଦଳ ।

ଭାଗ୍ୟକୁ ନିନ୍ଦୁଛୁ ଭୁମକୁ ନିନ୍ଦୁଛୁ
ନେଉନ କାହିଁକି ଜୀବ,
ପଥର ସମାନ କି ରୂପେ ବଞ୍ଚିବୁ
କୁହ ହେ ଦିବ୍ୟ ମାଧବ ।

କ୍ରୋଧ କଲେ ମଧ୍ୟ ହାତ ଉଠୁନାହିଁ
ଦେହରେ ନାହିଁ ସାହସ,
ଆମ ହୀନବଳ ଦେଖି କି ପ୍ରଭୁ ହେ
ମୁହଁରେ ଖେଳୁଛ ହସ ।

ଯେ ଖାଏ ପଖାଳ ଗାତ ଖୋଳିବାକୁ
ସେ ଯଦି ହୁଏ ଦୁର୍ବଳ,
ନ ପାଇଣ ଭାତ ଜମି ଚଷିବାକୁ
କାହୁଁ ବା ଆସିବ ବଳ ।

ଖଣ୍ଡେ ମୋଟା ଲୁଗା ହୋଇଲେ ଆମର
ଆମେ ହେଉ ପରିତୋଷ,
ପରିବାର ଆମ କମମାଙ୍କୁ ବସ୍ତ୍ର
କରେ ନାହିଁ ଅଭିଳାଷ ।

Digitized by srujanika@gmail.com

କେବେ କେବେ ଆମେ ଲଗାଉ ଟିକିଏ
ଘିଣି ବା ଜଡ଼ାର ତେଲ
ଆମେ ତ ଝୁଷ୍ଟୁରା ମଳମୁଣ୍ଡିଆ ହେ
ଆମେ ତ ଦରିଦ୍ରଦଳ ।

ସୁବାସିତ ତେଲ ନାନା ଅଙ୍ଗରାଗ
ଆମ ଜୀବନେ ସପନ
ବଜାରରେ ତାହା କିଣା ବିକା ହୁଏ
ଦେଖିଲେ ମାତ୍ର ନୟନ ।

ଚାଳ କୁଡ଼ିଆରେ କାଟୁଁ ଆମେ ଦିନ
ଆସଇ ଯେବେ ବରଷା,
ଛପର ନଥିବା ଯୋଗୁଁ ପାଣି ବହେ
ଉଡ଼ିଯାଏ ଆମ ହଂସା ।

ପିଲାଏ ଶୁଅନ୍ତି ଓଦା ଭୂମି ପରେ
କାଶି କାଶି ହୁଏ ଜର,
କାହୁଁ ବା ଔଷଧ ଦେବୁ ଆମେମାନେ
ପୂରେନା ଯା'ର ଉଦର ।

ରୋଗର ଦାଉରେ ଝଡ଼ପଡ଼େ ଯେବେ
ଆମ ନୟନପିତୁଳା,
ଅଶ୍ରୁଭରା ନେତ୍ରେ ପୋତି ଦେଇ ଆସୁଁ
ଦୁଃଖରେ ଯାଉ ମଉଳା ।

Digitized by srujanika@gmail.com

ଖାଇବାକୁ ଯେବେ ନ ଦେଉ ପିଲାଙ୍କୁ
ଦେବୁ ଅବା କେଉଁ ଶିକ୍ଷା,
ଭୋକିଲା ପେଟରେ ସତେ କି ସେମାନେ
ଘେନିବେ ଗୁରୁର ଦୀକ୍ଷା ।

କେତେ ଦିନ ଆଉ ସହିବୁ ସଂସାରେ
କ୍ଷୁଧାର ମହା ଯନ୍ତ୍ରଣା,
କି ଖାଦ୍ୟ ଦେଇଣ ପିଲାଙ୍କୁ ପାଳିବୁ
ଗଢ଼ିବୁ ତା ରକ୍ତକଣା ।

ସୁଶିକ୍ଷା ନ ପାଇ ଏଣେତେଣେ ବୁଲେ
ହେବେ ଆମର ସନ୍ତାନ,
କେତେ ଗାଳିଦେବୁ ଅଭାଗା ସନ୍ତାନେ
କରିବୁ କେତେ ଗର୍ଜ୍ଜନ ।

ରୋଗରେ ପିଲାଏ ହୁଅନ୍ତି ବିକଳ
ଧରିଣ ରୁଗ୍ଣ ଶରୀର,
କେତେ ଦିନଯାଏ ଦେଖି ତାଙ୍କ ରୂପ
ନେତ୍ରୁ ଗଡ଼ାଇବୁ ନୀର ।

ପାଣିମୁନ୍ଦେ ଯେବେ ନ ଦେଇପାରୁନୁଁ
କରନ୍ତି ପିଲେ ଚିତ୍କାର,
କେତେ ଦିନ ଆଉ ଅନାଇ ରହିବୁ
ପାଇବାକୁ ଅଧିକାର ?

Digitized by srujanika@gmail.com

ବସ୍ତ୍ରର ଅଭାବେ ବୁଲନ୍ତି ପିଲାଏ
ଅଧା ଲଙ୍ଗଳା ହୋଇଣ,
ମ୍ଳେଚ୍ଛ ଆଖ୍ୟା ଆଉ କେତେବା ଶୁଣିବୁ
ଦେଖିବୁ ଦୃଶ୍ୟ କରୁଣ ?

ଗାଳି-ଗଞ୍ଜଣାକୁ କେତେ ବା ସହିବୁ
ଧରି ଏହି ନରଦେହ,
କାପୁରୁଷ ଭାବେ କେତେ ବା ବଞ୍ଚିବୁ
ଦୟାମୟ ପ୍ରଭୁ କହ ?

ଲାଠିମାଡ଼ ଆଉ ଚବୁକ ପ୍ରହାର
ସହିବୁ ଆମେ ହେ କେତେ,
ଶାସନ ନିୟମ ଦଣ୍ଡ ଘୋଡ଼ାଉଛି
ପ୍ରବଳକୁ ଅବରତେ ।

ବାସନ୍ଦ ହେଉଛୁଁ ଆମେ ସମାଜରେ
ନଥିବାରୁ ସିନା ଧନ,
ନୀଚ ବୋଲି ଆମେ କେତେ ହେ ଶୁଣିବୁ
ନରଦେହେ ଅପମାନ ?

ବାସନା ଆମର ଗଲାଣି ଝାଉଁଳି
ଦେଖି ସନ୍ତାନ-ସନ୍ତତି,
କି ରୂପେ ବଞ୍ଚାଇ, ପିଲାଙ୍କୁ ଶିଖାଇ
ରଖିବୁ କିବା ଜାତି ?

Digitized by srujanika@gmail.com

ରକ୍ଷା ପାଇବାକୁ ଦେଉଁ ଆମେ ଯେବେ
ମାନ୍ତମାନ ଗୁଣମାନ,
ଭ୍ରୂକୁଟି କୁଞ୍ଚନେ ଅପମାନ ତଥା
ଅର୍ଥଦଣ୍ଡ ଆମ ଧନ ।

ସମାଜରକ୍ଷକ ହୋଇଛୁ ଭକ୍ଷକ
ଜଳୁଛୁ ଅସୁର ମନ,
କି ରୂପେ ସେମାନେ ଆଣିବେ ସମତା
ଜନମଙ୍ଗଳ ସାଧନ ?

କାମ କର ଆମେ ବଞ୍ଚିବାକୁ ଚାହୁଁ
ଏତିକ ମାତର ଲୋଭ,
କାମ କରି ଆମେ ଗଢ଼ିବୁ ଦେଶକୁ
ଦେଖିବୁ ସନ୍ତାନ ଶୁଭ ।

ସବୁ ଥାଇ କିନ୍ତୁ କାମ ନାହିଁ ଆଜି
ବେକାର ହୁଅନ୍ତି ନର,
ଏହି କି ଶାସନ ଗୁଣିଜନଙ୍କର
ଏହି କି ସମ ସଂସାର ?

ଧରିଛୁଁ ଶରୀର ଆମ୍ଭେ ଚାହୁଁ କାମ
ନ ହେବୁ ଆମେ ତ ଜଡ଼,
ଆମେ ଚାହୁଁ କାମ ନ ଦେଇ ପାରିଲେ
ନିଶ୍ଚୟ ବଢ଼ିବ ଝଡ଼ ।

Digitized by srujanika@gmail.com

ସମାଜକୁ ଆମେ ଭାଙ୍ଗି ତ ଦେବୁ
ଗଢ଼ିବୁ ନୂତନ ଧରା,
ତୁମେ ବଞ୍ଚି ରୁହ, ଆମେ ବଞ୍ଚି ରହୁ
ଏହି ହେବ ମାତ୍ର ଧାରା ।

ବିପ୍ଳବ କରିବା ହୁଅ ଆଗଭର
ମରିବାରେ ଶତ ଶତ
ଦେଖିବାନି ଆମେ ଜଡ଼ ପ୍ରାୟେ ଆଉ
ସନ୍ତାନର ଅଶ୍ରୁପାତ ।

ସମାଜ ଯେବେରେ ବଦଳି ନ ପାରେ
ଦେଖି ଆମ ମହାଦୁଃଖ
ବିପ୍ଳବ କରିଣ ସମାଜ ଧୋଇବା
ଆଣିବା ସରବେ ସୁଖ ।

ଯେ ବିପ୍ଳବ ଦେବ ଅନ୍ନ-ବସ୍ତ୍ର ଆଶ୍ରା
ଆଣିବ ଯେହୁ ମମତା
ସେ ଆମ ବିପ୍ଳବ, ସେ ଆମ ବିଭବ
ଆମେ ଚାହୁଁରେ ସମତା ।

ସମତାର ନାମେ ବିପ୍ଳବ କରିଣ
ହେବା ପାଇଁ ଠକ ନେତା
ଘୃଣୁନୁ କେବେହେଁ ସପନରେ ମଧ୍ୟ
ଆହେ ବିଶ୍ୱର କରତା ।

ଆସୁ ହେ ସମତା, ଆସୁ ହେ ମମତା
ରହୁ ଏ ଧରାରେ ଶାନ୍ତି
ତୁମେ ବଞ୍ଚି ରୁହ, ଆମେ ବଞ୍ଚି ରହୁ ,
ବିକଶୁ ସରବ କାନ୍ତି ।

Digitized by srujanika@gmail.com

କଳିଙ୍ଗ ସମର

ହେ ବୀର ଅଶୋକ !   ତୁମର ଜାତକ
ନ ଦେଖାଏ କେବେ ଶୋକ,
ଜାତକ ତୁମର   ହେଲା ରୂପାନ୍ତର
ଲଭି କେଉଁ ଦିବ୍ୟାଲୋକ ।

କେଉଁ ମହାମନ୍ତ୍ର   ବଦଳାଇ ମତି
ଆଣିଲା ମହା ସଂହତି,
ହିଂସା ପରିହରି   ଶାନ୍ତି ଦୟା ବରି
ସତ୍ୟରେ କଲ ସଂସ୍ଥିତି ।

ତେଜି ଦେବ ନଦୀ   ମହାରଣ୍ୟ ଭେଦି
ଲକ୍ଷ ଲକ୍ଷ ଜୀବ ଛେଦି,
ତୁମର ବିଜୟ   ହେଲା ତମୋମୟ
ଶତ ବର୍ଷିଷିକା ଲଭି ।

ତୁମ ଜନ୍ମସ୍ଥଳେ   ସର୍ବ ପୁଣ୍ୟ ଫଳେ
ବୁଦ୍ଧ ନାମ ଯହିଁ ଜଳେ,
ଭୁଲି ହେ ଅଶୋକ   ବଧ କଲ ଲୋକ
ଦେଶ ଜୟ କଳେବଳେ ।

ତ୍ରୈଲୋକ୍ୟ-ପାବନୀ   ଯେଉଁ ସ୍ରୋତସ୍ୱିନୀ
ନ କରି ପାରିଲା କ୍ଷମା,
କେଉଁ ପ୍ରଦକ୍ଷିଣ   ଦୟା ନଦୀ କ୍ଷୀଣ
ଶିଖାଇଲା ଆହେ ମାନୀ ?

Digitized by srujanika@gmail.com

ପୂତ ଗଙ୍ଗାଜଳ କରେ ସୁବିମଳ
ନ କଲା ତୋତେ ବିମଳ
କେଉଁ ମାରେ ଦୟା ଲୁଟାଇଲା ମାୟା
କଲା କେତେ ପରିମଳ ।
ହିମଗିରି ଶୋଭା ଦିଏ ସର୍ବେ ବିଭା
ନ ଦେଲା କପର ଆଭା
କି ରୂପେ ଧଉଳ ଶାନ୍ତି, ଦୟା ଢାଳ
ବିକାଶିଲା ସତ୍ୟ ପ୍ରଭା ।
ଯେଉଁ ବୁଦ୍ଧଗୟା ତରଳାଏ ହିୟା
ନ ଦେଇ ପାରିଲା ଦୟା
ଏ କଳିଙ୍ଗ ମାଟି କେଉଁ ମାୟା ଗୁନ୍ଥି
ସରସ କଲା ତୋ କାୟା ।
ଏ କଳିଙ୍ଗ ମାଟି ଏହି ଦୟାତଟୀ
ପୂତ ଏ ଧଉଳ ବଟୀ
କିଣି ତୋ ହୃଦୟ କରି ପୁଣ୍ୟମୟ
ଦେଖାଇଲା ପରିପାଟୀ ।
ହୋଇଲା କଳିଙ୍ଗ ଯିନା ବିକଳାଙ୍ଗ
ମାତରେ ଥିଲା ବରାଙ୍ଗ
ଶାନ୍ତି ଭକ୍ତି ପ୍ରୀତି ଦୟା କ୍ଷମା ମୈତ୍ରୀ
ସତ୍ୟ ସୁନ୍ଦର ତରଙ୍ଗ ।
ସୁରମ୍ୟ ମଗଧ ମାତଶାସ୍ତ୍ର ସୌଧ
ଶିଖାଇଲା ଜୀବ ବଧ
କିନ୍ତୁ ଏ କଳିଙ୍ଗ ହେଲା ଛନ୍ଦଭଙ୍ଗ
ଦେଲା ମହାନ ପ୍ରବୋଧ ।

Digitized by srujanika@gmail.com

କଳିଙ୍ଗ ଦୁର୍ଜୟ ହେଲା ପରାଜୟ
ପାଳିବାକୁ ମେ ବିଜୟ
ସର୍ବମଣି ପୃଷ୍ଠ ପ୍ରଦୀପ୍ତ ମୁକୁଟ
ଶିରେ କଲା ଶୋଭାମୟ ।
ବୀର ବାଦ୍ୟଧ୍ୱନି କମ୍ପାଇ ମେଦିନୀ
ଗାଇଲେ ଅଶୋକ ଜୟ
କାହାର ସଙ୍କେତ କଲା ଦ୍ରବୀଭୂତ
ହୃଦ କରିଲା ଅଥୟ ।
କିଏ ସେ ବିନୀତ ନୋହି ଆମନ୍ତ୍ରିତ
ରଣଭୂମେ ନୋହି ସ୍ଥିତ
ତୁମ ଅହମିକା ନାଶ କଲା ଏକା
ମୋହ କଲା ନିପାତିତ ।
କିଏ ସେ ପ୍ରବୁଦ୍ଧ ଦିବ୍ୟ ତପେ ଶୁଦ୍ଧ
ଜନ ଦୁଃଖେ ହୋଇ ବିଦ୍ଧ
ବୁଦ୍ଧ ନାମେ ବୋଧ ବିତରି ପ୍ରବୋଧ
ଯୁଦ୍ଧ କରିଲା ନିଷିଦ୍ଧ ।
ତୁମରି ଆଦେଶେ ବୀର ସମାବେଶେ
ସର୍ବେ ନୀରବ ନିମିଷେ
ତୋ ମୁଖ ଚାହିଁଲେ ଅନାଇଁ ରହିଲେ
କିବା ଆଜ୍ଞା ପରିଶେଷେ ।
କଲା ଉଚ୍ଚାରଣ "ହେ ବୁଦ୍ଧ ଶରଣ
ହେ ସଂଘ ଗଲି ଶରଣ
ହେ ବୁଦ୍ଧ ଶରଣ ହେ ସଂଘ ଶରଣ
କର ସର୍ବେ ପରିତ୍ରାଣ ।"

Digitized by srujanika@gmail.com

“ଅଶୋକ ବିଜୟୁ   ମହାତ୍ମୋମୟୁ
ହେ ବୁଦ୍ଧ ନେଉଡ଼ ସଶୟୁ”
କହିଲେ ସରବେ   କହିଲେ ଗରବେ
“ହେ ବୁଦ୍ଧ ଦିଅ ଆଶ୍ରୟୁ” ।
“ଓଁ ବୁଦ୍ଧଂ ଶରଣଂ   ଓଁ ସଙ୍ଘଂ ଶରଣଂ
ବୁଦ୍ଧଂ ଶରଣଂ ଗଚ୍ଛାମି
ଓଁ ସଙ୍ଘଂ ଶରଣଂ   ଓଁ ବୁଦ୍ଧଂ ଶରଣଂ
ସଙ୍ଘଂ ଶରଣଂ ଗଚ୍ଛାମି” ।
ଧଉଳି ହସିଲା   ଦୟା ଦାନ ଦେଲା
କଳିଙ୍ଗ ମାଟି ନାଚିଲା
ଶୋଣିତର ଧାର   ହେଲା ପୁଣ୍ୟ ଗାର
ଶାନ୍ତ ପ୍ରୀତି ବିକଶିଲା ।
ଭିକ୍ଷୁ ଉପଗୁପ୍ତ   ମୋହ କରି ଲୁପ୍ତ
ଉଜାଗି ବିବେକ ସୁପ୍ତ
ସତ୍ୟ ମୁକ୍ତି ପଥେ   ସାମ୍ୟ ପ୍ରୀତି ରଥେ
ଚିତ୍ତ ଦିନା କଲ ଲିପ୍ତ ।
ଧନ୍ୟ ସେହି ସଖା   ତମେ ଦେଲ ଦେଖା
ଜଳାଇଲ ପ୍ରେମ-ଶିଖା
ହେଲ ବିସ୍ମିତ   ଲଭି ତା ଇଙ୍ଗିତ
ଟାଣି ଚିର ସତ୍ୟରେଖା ।
ଧନ୍ୟରେ ତାପସ   ଧନ୍ୟ ତୋ ସାହସ
ରଣେ ଦେଲୁ ଚିର ହ୍ରସ
ମଗଧ ନରେଶ   ଧନ୍ୟ ତୋ ପୌରୁଷ
ଘେନିଲୁ ତା ଉପଦେଶ ।

Digitized by srujanika@gmail.com

ନ ଥିଲେ ସେ ମିତ   ତୁମେ ଅସ୍ତମିତ
ହୋଇଥାନ୍ତ ଅନାଦୃତ
ଦେଇଣ ସମ୍ମତ   ପାଇଲ ସ୍ୱୀକୃତ
ବିଶ୍ୱର ସାଧିଲ ହିତ ।
ଆତ୍ମକୃତ ପାପ   ବୁଝି ଅନୁତାପ
ପବିତ୍ର କଲ ସ୍ୱରୂପ
କରି ଚିତ୍ତ ଶୁଦ୍ଧି   କୀର୍ତ୍ତି କଲ ବୃଦ୍ଧି
ଆହେ ପ୍ରିୟଦର୍ଶୀ ନୃପ ।
ସମର ବର୍ଜନ   ସତ୍ୟ ମହାଧନ
ଜୀବେ ଅହିଂସା ଦର୍ଶନ
କରି ଆଚରଣ   ଦେଲ ମହାଜ୍ଞାନ
ହେ ସମଦର୍ଶୀ ରାଜନ ।
ଗାଏ ତୁମ ଯଶ   ବିଶ୍ୱ ଇତିହାସ
ତୁମରି ଦିବ୍ୟ ସାହସ
ତୁମରି ଦର୍ଶନ   ଦିଏ ଆଲୋକନ
ଆହେ ତେଜସ୍ୱୀ ନରେଶ ।
ଧନ୍ୟ ହେ ଅଶୋକ   କଲ ଯେଉଁ ଶୋକ
ଜାଣିଲେ ସରବ ଲୋକ
ଧନ୍ୟ ତା ଆଲୋକ   ଧନ୍ୟ ତା ଝଲକ
ଜୟ ଜୟ ପୁଣ୍ୟଶ୍ଳୋକ ।
ମଗଧର ଖ୍ୟାତି   ମଗଧର ଦୀପ୍ତି
ବିଭାସିଲ ନରପତି
କଳିଙ୍ଗ ଭରଣି   ରୁଚିର ସୁଖ୍ୟାତ
ଧରାର ମହା ପ୍ରଖ୍ୟାତ ।

Digitized by srujanika@gmail.com

ତୁମରି ସୁମତି   ତୁମରି ସୁନୀତି
ହେଲା ଭାରତ ବିଭୂତି
ଭାରତର ଦ୍ୟୁତି   ଭାରତ ସଂସ୍କୃତି
ବିଶ୍ୱରେ କଲା ବିସ୍ତୃତି ।

ତରବାରି ଜୟ   ନୁହଇ ବିଜୟ
ଜିଣେ ଯେ ନର ହୃଦୟ
ସେହିଟି ଅଜୟ   ତାହାରି ବିଜୟ
ଘୋଷେ ସଦା ଲୋକାଳୟ ।

ସମର ବର୍ଜନ   ହୃଦୟ ମିଳନ
ଘୋଷେ କଳିଙ୍ଗ-ସମର
ଶାନ୍ତି ଦୟା ପ୍ରୀତି   ଦେଶେ ଦେଶେ ମୈତ୍ରୀ
ରହୁ ଭବେ ନିରନ୍ତର ।

Digitized by srujanika@gmail.com

ମାୟା ଯାଉ ଅପସରି

ତୁମେ ମା ତାରିଣୀ   ଶକତି ଜଳଧି   ସର୍ବଂସହା ବସୁମତୀ
ତୁମେ କର ଗତି   ଅନନ୍ତ ଜଗତେ   ତୁମେ ହିଁ ସକଳ ଗତି ।
ତୁମେ ମହାଶୂନ୍ୟ   ଚେତା ଅଚେତନ   ବୃଦ୍ଧି ନିଦ୍ରା କ୍ଷୁଧା ଛାୟା
ତୁମେ ଲଜ୍ଜା ଶାନ୍ତି   ଶ୍ରଦ୍ଧା ତୃଷ୍ଣା ଭ୍ରାନ୍ତି   ସ୍ମୃତି ତୁଷ୍ଟି ଲକ୍ଷ୍ମୀ ଦୟା
ତୁମେ ସର୍ବମାତା   ସରବ ଶକତି   ତୁମେ ହିଁ ସର୍ବ ସୃଜନ
ତୁମ ମାୟାଡୋରି   ଧରିଛି ସରବେ   ତୁମ ମାୟା ଅକଳନ ।
ମାୟା ଆକର୍ଷଣେ ମନ
ଏ ଜଡ଼ ଜଗତ   ତମୋରେ ପୂରିଛି   ଦିଅ ଦେବୀ ଆଲୋକନ ।

ତୁମରି ଝଲକେ   କନକ ଆଲୋକେ   ଆସୁ ମହା ଦିବ୍ୟଜ୍ଞାନ
ପରିମଳ କର   ସରବ ଜୀବନ   କର ସର୍ବେ ସଂଶୋଧନ ।
ଦୁର୍ଗତିନାଶିନୀ   କଳୁଷହାରିଣୀ   ପାପ କର ବିମୋଚନ
ସଙ୍କଟତାରିଣୀ   ଏ ଦୁର୍ଗମ ପଥେ   ଭୟ କର ବିତାଡ଼ନ ।
ହେ ବିଶ୍ୱବନ୍ଦିନୀ   ଶାନ୍ତିପ୍ରଦାୟିନୀ   ସର୍ବଶକ୍ତି ବିଶୋଭିନୀ
ସୁପଥେ ନିଅ ମା'   ଦେଇଣ କରୁଣା   ଜୟ ହେ ମାତା ଭବାନୀ ।
ମାୟା କର ବିମୋଚନ
ତୁମରି ଦୟାରେ   ତୁମରି କ୍ଷମାରେ   ହେଉ କଳୁଷ ଦଳନ ।

ହେ ବିଶ୍ୱରୂପିଣି   ଦୁର୍ଗତିନାଶିନି   ହେ ଶାଶ୍ୱତ ଶକ୍ତିମୟି
ହେ ସର୍ବବ୍ୟାପିନୀ   ମୋ ଶକ୍ତି ଉଦୟ   କର ଆହେ ଜ୍ୟୋତିର୍ମୟି !
ହେଉ ସୁବିମଳ   ମୋ ମନମନ୍ଦିର   ପାପ ଲଭୁ ପରାଜୟ
ହେ ଶାଶ୍ୱତ ଶକ୍ତି   ହେ ମଙ୍ଗଳମୟୀ   ଫେଡ଼ ମୋହର ସଂଶୟ ।

Digitized by srujanika@gmail.com

ସତ୍ୟପଥେ ସଦା   ରହୁ ଏ ଜୀବନ   ରହୁ ଏ ମନ ହୃଦୟ
ଜୟ ସନାତନୀ   ଜଗତମୋହିନୀ   ଦିଅ ଏହି ବରାଭୟ ।
ମାୟାର ହେଉ ବିନାଶ
ଆହେ ମାତୃଶକ୍ତି   ଦୁର୍ଗତିନାଶିନୀ   ସୁଜ୍ଞାନ ହେଉ ପ୍ରକାଶ ।

ହେ ଅଦୃଶ୍ୟା ଦେବୀ   ଭବ ରୂପକଳା   ସଦା କରେ ଆଲୋଡ଼ନ
ତୁମ ଆଶୀର୍ବାଦେ   ମନ ହେଉ ସ୍ଥିର   ଏହି ମୋର ନିବେଦନ ।
ସାଧନାର ମାର୍ଗ   ସୁଗମ ହେଉ ହେ   ଦିଅ ହେ ଶୁଭ ଆଶିଷ
କାତରତା ମୋର   ଚୁଲିଯାଉ ଦେବୀ   ହରିନିଅ ମୋ କଳୁଷ ।
ସତ୍ୟ ଜ୍ଞାନ ଶାନ୍ତି   ହେଉ ମୋ ଭୂଷଣ   ଜୟ ମାତା ସନାତନୀ
ଜୟ ଜ୍ୟୋତିର୍ମୟୀ   ଜୟ ସର୍ବଶକ୍ତି   ଜୟ ହେ ବିଶ୍ୱଜନନୀ ।
ମାୟାର ହେଉ ସଂହାର
ଦୁର୍ଗତିନାଶିନୀ   ଆହେ ମାତୃଶକ୍ତି   ଆଚରଣ ପୂତ କର ।

ହେ ମହାନ୍ ଶକ୍ତି   ବିଶ୍ୱର ଆଧାର   ଅହମିକା କର ଦୂର
ତୁମର ଶରଣ   ନେଉଛି ଜନନୀ   ପଥ କର ପରିଷ୍କାର ।
କର ଚିତ୍ତ ଶୁଦ୍ଧି   ଦିଅ ଦିବ୍ୟ ବୁଦ୍ଧି   ନ ହୁଏ ମୁଁ ଦିଗହରା
ତୁମର ଆଲୋକେ   ସତ୍ୟ ମୈତ୍ରୀ ପ୍ରୀତି   ହେଉ ଏ ଜୀବନ ଧାରା ।
ବାସନା କାମନା   ନିଦ୍ରା କ୍ଷୁଧା ତୃଷ୍ଣା   ନ କରୁ ମୋତେ ଅଥୟ
ଦିଅ ମାତା ଶାନ୍ତି   ଅପସରୁ ଭ୍ରାନ୍ତି   ଦିଅ ମା ତୁମେ ଆଶ୍ରୟ ।
ମାୟା ଯାଉ ଅପସରି
ତମୋମୟ ଧରା   ଆଲୋକିତ କର   ଜୟ ମା ଜଗଦୀଶ୍ୱରୀ ।

Digitized by srujanika@gmail.com

କୁସୁମାଞ୍ଜଳି

ଅଞ୍ଜଳି ଭରିଣ ଧଏ ମୁଁ କୁସୁମ
ଘେନ ହେ ଜୀବନପତି
ଅଞ୍ଜଳି ଭରିଣ ଧଏ ମୁଁ କୁସୁମ
ଘେନ ହେ ମହା ଶକତି ।

ଅସଂଖ୍ୟ କୁସୁମ ମଧୁର ସୁନ୍ଦର
ତୁମରି ମହାନ ଦାନ
କବିତା କୁସୁମେ କୁସୁମ ଅଞ୍ଜଳି
ଦେଇ ପୂଜେ ଦୀନ ଜନ ।

କୁସୁମ ଦେଇଣ କରଇ ମିନତି
ଘେନ ହେ ସରବ ପତି
କୁସୁମ ଦେଇଣ କରଇ ଜଣାଣ
ଶୁଣ ହେ ମହା ଶକତି ।

ଆହେ ସାମ୍ୟଧର, ହେ ଶକ୍ତିଧାରିଣୀ
ସାମ୍ୟରେ ତୁମେ ଭରା
ସମତା ରଖିଛ ଅଖିଳ ଜଗତେ
ସାମ୍ୟ କର ହେ ଧରା ।

ସମତା ଥିବାରୁ ଦୂରେ ଏ ପୃଥିବୀ
ତପନର ଗୃହପାଶେ
ସମତା ରଖିଣ ଛବିଳ ଧରାରେ
ପ୍ରକୃତି ନିରତ ହସେ ।

Digitized by srujanika@gmail.com

ଅଣୁ ପରମାଣୁ ସମତା ରଖିଣ
ଗଢ଼ି ଅଛି ବହୁ ରୂପ
ସମତା ହଜିଗଲେ ରୂପ ହଜିଯାଏ
ରୂପ ହୁଅଇ ବିଲୋପ ।

ହରାଇ ସମତା ଜନସମାଜରେ
ଯାତନା ହୋଇଛି ଭବ
ଚିତ୍ତଭର ତିମିର ଦୂର କର ପ୍ରଭୁ
ସାମ୍ୟ କର ହେ ଧବ ।

ସମତା ନାହିଁ ତ ମାନବ ରାଇଜେ
କଳୁଷ ହୋଇଛି ଭବ
ଦୟା ବନ୍ଧୁ ଦେବା ସମତା ଦିଅ ହେ
ସାମ୍ୟ କର ହେ ଧବ ।

କୁସୁମ ଛୁଟାଏ ବିବିଧ ସୌରଭ
ହରଷ କରଇ ଜନ
ସୌରଭ ଝରାଏ ମଧୁର ସ୍ପନ୍ଦନ
ଭବପନ୍ତ ବିକଶନ ।

କୁସୁମ ଦେଖାଏ ସଦା ସୁନ୍ଦରତା
ହରଇ ମାନବ ମନ
ସୁନ୍ଦରତା ତାର ପ୍ରକଟାଏ ଚିର
ଭବମାତା ଆଲୋକନ ।

Digitized by srujanika@gmail.com

ଏ କବିତା ଯେବେ ବିତରି ସୁବାସ
ତୋଷିବ ଜନର ମନ
ତେବେ ମୁଁ ଭାବିବି କବିତା କୁସୁମେ
ପାଇଛି ଅତୁଳ ଧନ ।

ଏ କୁସୁମ ଯେବେ ଦେଖାଇ ମାଧୁରୀ
ଜନେ ଦେବ ପ୍ରବୋଧନ
ତେବେ ମୁଁ ଭାବିବି "ସିନ୍ଧୁତୀରେ" ମୋର
ସଫଳ ହୋଇଛି ଧ୍ୟାନ ।

Digitized by srujanika@gmail.com